ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us:

ବର୍ଷ-୬ | ସଂଖ୍ୟା-୭୬ | ରବିବାର | ୮ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-76 | Sunday | 8 June 2025 | Bhubaneswar | Pages-8 | Rs. 2.00


## ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜ, ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୬ (ହି.ସ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀ ଠାରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । କନ୍ଧମାଳବାସୀଙ୍କ ବହୁଦିନର ଆଶା ପୂରଣ କରିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି । କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତନ ଆଣିବା ପାଇଁ ପ୍ରେରଣା ହେବ । ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସଭାରେ ଉଦବୋଧନ ଦେଇ ସେ କହିଥିଲେଯେ, ଆମ ସରକାର ଆସିବା ମାତ୍ରେ ଓଡିଶା ଲୋକଙ୍କ ବହୁ ଆକାଙ୍କ୍ଷିତ 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଯାହାକୁ ରାଜନୈତିକ କାରଣରୁ ଆପଣମାନଙ୍କଠୁ ଦୂରେଇ ରଖାଯାଇଥିଲା, କାର୍ଯ୍ୟକାରୀ କରାଯାଇଛି । ଏହା ଦ୍ୱାରା ଓଡିଶାର ସାଢେ ତିନି କୋଟି ଲୋକ ନିଃଶୂଳ୍କ ସ୍ୱାସ୍ଥ୍ୟସେବା ଦେଶର ୨୯ ହଜାର ବେସରକାରୀ ମେଡିକାଲରେ ପାଇ ପାରିବେ । 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏକକ ସ୍ୱାସ୍ଥ୍ୟ ସେବା ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମ୍ମିଳିତ ଭାବେ ଉତ୍ତମ ସ୍ୱାସ୍ଥ୍ୟ ସେବାର ସୁବିଧା ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରୁଛି । ଏହି ତିନୋଟି ସ୍ୱାସ୍ଥ୍ୟ ସେବା ଯୋଜନା ଦ୍ୱାରା ରାଜ୍ୟର ୮୦ ପ୍ରତିଶତରୁ ବି ଅଧିକ ସାଧାରଣ ଜନତା ସୁବିଧା ପାଇବେ । ସେ କହିଥିଲେଯେ, ଗତ ୨୪ ବର୍ଷରେ ବିଶ୍ୱସ୍ତରୀୟ ସେବା ନାଁରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା । ଏହାକୁ ସଜାଡିବା ସହିତ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କାର୍ଯ୍ୟ ଜାରି ରହିଛି । ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଓଡିଶାରେ ଡାକ୍ତରଙ୍କ ଅଭାବ ରହିବ ନାହିଁ, ପ୍ରତ୍ୟେକ ହସ୍ପିଟାଲରେ ଆବଶ୍ୟକ ଡାକ୍ତରଙ୍କୁ ପୋଷ୍ଟିଂ କରାଯିବ । ଏହି ସେବା ପାଇଁ ଆବଶ୍ୟକ ପାଣ୍ଠି । ମୁଁ ସେଥିପାଇଁ କୌଣସି କାର୍ପଣ୍ୟ କରିନାହିଁ । ଚଳତ ବଜେଟରେ କେବଳ ସ୍ୱାସ୍ଥ୍ୟ ସେବା ପାଇଁ ୨୩ ହଜାର ୬୩୫ କୋଟି ଟଙ୍କାର ପ୍ରାବଧାନ କରିଛି ଯାହା ମୋଟ ବଜେଟର ୮.୨ ପ୍ରତିଶତ । ଏହା ରାଜ୍ୟ ଇତିହାସରେ ସବୁଠାରୁ ଅଧିକ । ଏଥିରୁ ଆପଣମାନେ ଜାଣିପାରୁଥିବେ ସରକାର ସ୍ୱାସ୍ଥ୍ୟସେବାକୁ କେତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏହି ମହାବିଦ୍ୟାଳୟ, କନ୍ଧମାଳ ଓ ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଶିକ୍ଷାର ଏକ ନୂଆ ଦ୍ୱାର ଖୋଲିଛି । ଏହି ୧୦୦ ସିଟ ବିଶିଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ପାଇବା ପରେ ଭେଷଜ ବିଶେଷଜ୍ଞମାନେ ଭବିଷ୍ୟତରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ । "ମାନବ ସେବା ହିଁ ମାଧବ ସେବା", ଏହାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ଡାକ୍ତର ମାନେ ଏହି ମହାବିଦ୍ୟାଳୟକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତରୀ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ହସ୍ପିଟାଲ ଦ୍ୱାରା, କେବଳ କନ୍ଧମାଳ ଜିଲ୍ଲା ନୁହେଁ ପାର୍ଶ୍ୱବର୍ତ୍ତୀ ନୟାଗଡ଼, ବୌଦ୍ଧ ଏବଂ କଳାହାଣ୍ଡି ଜିଲ୍ଲାର ଅଧିବାସୀମାନେ ମଧ୍ୟ ଉପକୃତ ହେବେ । ଏହା ସ୍ଥାନୀୟ ରୋଜଗାର, ଗବେଷଣା ଓ ଅର୍ଥନୈତିକ ବିକାଶ ପାଇଁ ମଧ୍ୟ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ଏହା ପରେ *ପୃଷ୍ଠା ୭ ଦେଖନ୍ତୁ...*

## ଗତ ୧୧ ବର୍ଷରେ ଚାଷୀଙ୍କ ସମୃଦ୍ଧି ଓ କୃଷି କ୍ଷେତ୍ରରେ ସମଗ୍ର ପରିବର୍ତନ ହୋଇଛି : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୭।୬ (ହି.ସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷରେ ସରକାରଙ୍କ କୃଷକ ହିତୈଷି ପଦକ୍ଷେପର ଦୂରଗାମୀ ପ୍ରଭାବକୁ ହାଇଲାଇଟ୍ କରିଛନ୍ତି, ଯାହାକି କୃଷକ ସମ୍ପ୍ରଦାୟ ନିମନ୍ତେ ସମ୍ମାନ ଏବଂ ସମୃଦ୍ଧିର ମହତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ସେ ପିଏମ କିସାନ ସମ୍ମାନ ନିଧି ଏବଂ କିସାନ ଫସଲ ବୀମା ଭଳି ପ୍ରମୁଖ ପଦକ୍ଷେପଗୁଡିକୁ ଆଲୋକପାତ କରି ଏସବୁକୁ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାର ଦ୍ୱାରା ନିଆଯାଇଥିବା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ସେ ଆହୁରି ମଧ କହିଥିଲେ ଯେ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ଲଗାତାର ବୃଦ୍ଧି କାରଣରୁ ଦେଶର ଖାଦ୍ୟାନ୍ନ ଉତ୍ପାଦକ ମାନଙ୍କୁ କେବଳ ଯେ, ସେମାନଙ୍କ ଫସଲର ଉଚିତ୍ ମୂଲ୍ୟ ମିଳୁଛି ତାହା ନୁହେଁ ବରଂ ସେମାନଙ୍କର ଆୟରେ ମଧ ବୃଦ୍ଧି ଘଟୁଛି । ପ୍ରଧାନମନ୍ତ୍ରୀ ମୋଦୀ ନିଜ ସରକାରର ୧୧ ବର୍ଷ ପୂର୍ତ୍ତି ଅବସରରେ ଏକ୍ସ ପୋଷ୍ଟରେ ଏ କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ, ଦେଶର ପରିଶ୍ରମୀ କୃଷକଙ୍କ ସେବା କରିବା ତାଙ୍କ ସରକାର ପାଇଁ ସୌଭାଗ୍ୟର କଥା । ସେ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ ପଦକ୍ଷେପ କେବଳ ଯେ, ଚାଷୀମାନଙ୍କ ମଧ୍ୟରେ ସମୃଦ୍ଧି ବଢାଇଛି ତାହା ନୁହେଁ ବରଂ କୃଷି କ୍ଷେତ୍ରରେ ସମଗ୍ର ପରିବର୍ତ୍ତନରେ ମଧ ଯୋଗଦାନ ଦେଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏହା ଉପରେ ମଧ ଆଲୋକପାତ କରିଥିଲେ ଯେ, *ପୃଷ୍ଠା ୭ ଦେଖନ୍ତୁ...*

## ଜୁନ ୨୦ରେ ଓଡ଼ିଶା ଆସିବେ ପିଏମ ମୋଦି



**ଭୁବନେଶ୍ୱର, ୭।୬ (ହି.ସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ନେଇ ସମାରୋହ ପାଇଁ ଜୁନ ୧୨ ନୁହଁ ଜୁନ ୨୦ ରେ ଆସିବେ ପ୍ରଧାନମନ୍ତ୍ରୀ ମୋଦି । ରାଜ୍ୟ ସରକାରଙ୍କ ବର୍ଷ ପୁର୍ତ୍ତି ପାଳନ ଉତ୍ସବରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ । ୧୨ ତାରିଖ ମୂଳ କାର୍ଯ୍ୟକ୍ରମ ୨୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଆଜି ଆସିବ ୧୨ ରୁ ୨୦ ତାରିଖ ଯାଏଁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଭୁବନେଶ୍ୱର ଜନତା ମଇଦାନ ନଚେତ ବାଲିଯାତ୍ରା ପଡ଼ିଆରେ ଆୟୋଜନ ହେବ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହ ।

## ସୁବର୍ଣ୍ଣପୁରରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ୫୬ଟି ଜନକଲ୍ୟାଣକାରୀ ପ୍ରକଳ୍ପ ଉଦ୍‌ଘାଟିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୬ (ହି.ସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ ମୂଲ୍ୟର ୫୬ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି ଏବଂ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି । ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁନିର୍ମାଣ, ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ, ମେଗା ଲିଫ୍ଟ ପ୍ରୋଜେକ୍ଟ ଏବଂ ହଷ୍ଟେଲ ଇତ୍ୟାଦି ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ଉପରେ ଗୋଧନେଶ୍ୱର ଓ ଖଇରମାଳ (ବୀରମହାରାଜପୁର ବ୍ଲକ) ସହିତ ଉଲୁଣ୍ଡାର ହରିହର ଜୋର ଏବଂ ବୀରମହାରାଜପୁରର ସୁରୁବାଲି ଠାରେ ୪ଟି ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ । ଉପସ୍ଥିତ ସୁବର୍ଣ୍ଣପୁରବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଅଞ୍ଚଳ ପୁରାତନ କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଜିଲ୍ଲା ହେଉଛି ପ୍ରାଚୀନ ଐତିହ୍ୟ, ଧାର୍ମିକ ଭାବନା, ଆଧାତ୍ମିକ ଚିନ୍ତାଧାରା ଓ ଲୋକସଂସ୍କୃତିର ଗୌରବମୟ ପ୍ରତୀକ । ସନ୍ଥକବି ଭୀମଭୋଇଙ୍କର ଶିକ୍ଷା, ଦୀକ୍ଷା ତଥା ସାଧନାର କ୍ଷେତ୍ର । ସାହିତ୍ୟ, ଇତିହାସ ଓ କଳା କ୍ଷେତ୍ରରେ ରାଜ୍ୟରେ ଏ ମାଟିର ପ୍ରସିଦ୍ଧି ରହିଛି । ଜିଲ୍ଲାର ଆକର୍ଷଣୀୟ ବୟନ ଶିଳ୍ପ ଏବଂ ହସ୍ତଶିଳ୍ପ ଓଡ଼ିଶାକୁ ଗୌରବାନ୍ୱିତ କରିଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆମ ସରକାର ଯାହା କଥା ଦିଅନ୍ତି, ତାହା କରିକି ଦେଖାନ୍ତି । ଆମେ ପ୍ରତିଶ୍ରୁତି ଦେଇଥିବା ୨୧ ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ ଟି କାର୍ଯ୍ୟକାରୀ କରିଛୁ । ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ୟାବିନେଟ ନିଷ୍ପତି ନେଇ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ । ଚାଷୀମାନଙ୍କୁ ଅସମୟରେ ସାହାଯ୍ୟ କରିବା ପାଇଁ ଅଦିନିଆ ବର୍ଷା କ୍ଷୟ କ୍ଷତିକୁ ଇତିହାସ ସୃଷ୍ଟି କରି ରିଲିଫ୍ କୋଡରେ ଅନ୍ତର୍ଭୁକ୍ତ କରିଛୁ । ଆଜି ବିକାଶ ପଥରେ ଓଡ଼ିଶା ଅଗ୍ରସର ହେଉଛି । ସେ ଆହୁରି କହିଥିଲେ ଯେ, ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାକୁ ସୁନାରେ ପରିଣତ କରାଯିବ । ଆପଣମାନେ ପ୍ରସ୍ତାବ ଦିଅନ୍ତୁ ମୁଁ ସମସ୍ତ ସହଯୋଗ ଦେବି । ଜିଲ୍ଲାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ରହିବନାହିଁ । ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକୁ ଆପଣମାନଙ୍କ କାମରେ ଲଗାଯିବ । ସୁବର୍ଣ୍ଣପୁରକୁ ଓଡ଼ିଶାର ଏକ ନମ୍ବର ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି *ପୃଷ୍ଠା ୭ ଦେଖନ୍ତୁ...*

## ରଥଯାତ୍ରା: ପରିଚାଳନ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ

**ଭୁବନେଶ୍ୱର, ୭।୬ (ଡ଼ିକେ ନ୍ୟୁଜ୍):** ମହାପ୍ରଭୁଙ୍କ ରଥଯାତ୍ରାକୁ ଚଳିତ ବର୍ଷ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି । ଏନେଇ ଆଜି ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଏହି କମିଟିରେ ଆଇନ, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପରିବହନ ମନ୍ତ୍ରୀ ସଦସ୍ୟ ରହିଛନ୍ତି । ସେହିପରି ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ କମିଟିର ଆବାହକ ଦାୟିତ୍ୱ ଦିଆଯାଇଛି । ମହାପ୍ରଭୁଙ୍କ ୯ ଦିବସୀୟ ରଥଯାତ୍ରା ସମୟ ପାଖେଇ ଆସୁଛି । ଆଉ ମାତ୍ର ୨୦ ଦିନ ପରେ ରଥଯାତ୍ରାର ଆୟୋଜନ ହେବ । ଏଥି ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ସଂପର୍କିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ରଥଖଳାରେ ବିଭିନ୍ନ ସେବାୟତମାନେ ମଧ୍ୟ ରଥ ନିର୍ମାଣକୁ ତୀବ୍ର କରିଦେଇଛନ୍ତି । ତିନି ରଥର ଚକ ଅଖ ଥାକ ସହ ଦିଗ ନିର୍ଣ୍ଣୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥର ଦଣ୍ଡା ଫ୍ରେମର ବିଭିନ୍ନ ଅଂଶଗୁଡ଼ିକର ନମ୍ବର କରାଯାଇ କଳସା ପାଇଁ ମାପ ଚିହ୍ନ ଗାରିଆ ହୋଇସାରିଛି । ରଥଖଳାରେ ରଥର ବିଭିନ୍ନ ଅଂଶ ନିର୍ମାଣ ଜାରି ରହିଥିଲା । ଅପରାହ୍ନରେ ତିନିରଥର ମୁଖ୍ୟ ମହାରଣା ଏବଂ ଭୋଇ ସେବକଙ୍କ ସହାୟତାରେ ଚକରେ ଅଖ ସଂଯୋଗ ପୂର୍ବକ ଚକ ଅଖ ଥାକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ନନ୍ଦିଘୋଷ ରଥ ଅଖଗୁଡ଼ିକର ସଂଶୋଧନ କରିବାକୁ ପଡ଼ିବାରୁ ଚକର ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇପାରିନାହିଁ । ତାଳଧ୍ୱଜ ରଥ ଓ ଦର୍ପଦଳନ ରଥର ଅଖଗୁଡ଼ିକର ସଂଶୋଧନ କାର୍ଯ୍ୟ ବିଶେଷ ନଥିବାରୁ ଚକ ଅଖକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଛି । ଚକ ଆଗକୁ ଗଡ଼ି ନଯିବା ପାଇଁ ଚକ ଦୁଇ ପାର୍ଶ୍ୱରେ ବାନ୍ଧ ଲାଗି କରାଯାଇଛି ।






## ଆସାମ ବନ୍ୟା : ୧୪ ଜିଲ୍ଲାର ୪ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ପ୍ରଭାବିତ



**ନୂଆଦିଲ୍ଲୀ, ୭।୬ (ହି.ସ):** ଆସାମ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ତେବେ ୧୪ଟି ଜିଲ୍ଲାର ୪ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ଏବେ ବି ବନ୍ୟା ପ୍ରଭାବରେ ରହିଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଯୋଗୁଁ କୌଣସି ଲୋକ ପ୍ରାଣ ହରାଇଥିବା ଖବର ମିଳିନାହିଁ । ବନ୍ୟା ଯୋଗୁଁ ସାରା ରାଜ୍ୟରେ ପ୍ରାୟ ୧୨୦୦ ଗ୍ରାମ ଏବଂ ୧୬ ହଜାର ହେକ୍ଟରରୁ ଅଧିକ ଫସଲ ନଷ୍ଟ ହୋଇଛି । ଆଜି ସାତଟି ସ୍ଥାନରେ ବନ୍ଧ ଭାଙ୍ଗିଯାଇଥିବା ସୂଚନା ମିଳିଛି । ରାଜ୍ୟ ସରକାର ଉଦ୍ଧାର କାର୍ଯ୍ୟ ପାଇଁ ଏସଡିଆରଏଫ ଟିମକୁ ନିୟୋଜିତ କରିଛନ୍ତି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ୪୦ ହଜାରରୁ ଅଧିକ ଲୋକ ୧୫୬ଟି ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି । ଅଧିକାଂଶ ଜିଲ୍ଲାରେ କମ ବର୍ଷା ହୋଇଛି ଏବଂ କେତେକ ସ୍ଥାନରେ ବିକ୍ଷିପ୍ତ ବର୍ଷା ହୋଇଛି, ଯାହା ଫଳରେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଛି । ବର୍ତ୍ତମାନର ସୁଦ୍ଧା ବନ୍ୟାରେ ୨୧ ଜଣଙ୍କ ଜୀବନ ଯାଇଛି ।

## ଛତିଶଗଡ଼ର ବିଜାପୁରରେ ଆଉ ୨ ନକ୍ସଲ ନିହତ

**ବିଜାପୁର/ରାୟପୁର, ୭।୬ (ହି.ସ):** ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାର ଘଞ୍ଚ ଜଙ୍ଗଲ ବିଶିଷ୍ଟ ଇନ୍ଦ୍ରାବତୀ ନେଶନାଲ ପାର୍କ ଅଞ୍ଚଳରେ ଚାଲିଥିବା ଅଭିଯାନର ତୃତୀୟ ଦିନରେ ଶନିବାର ସୁରକ୍ଷାବଳର ଗୁଳିରେ ଆଉ ୨ ଜଣ ନକ୍ସଲ ନିହତ ହୋଇଛନ୍ତି । ଏମାନଙ୍କ ନିକଟରୁ ଅଟୋମେଟିକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ବିଜାପୁର ପୋଲିସ ଅଧିକ୍ଷକ ଜିତେନ୍ଦ୍ର ଯାଦବ ଏନେଇ ସୂଚନା ଦେଇଛନ୍ତି । ନେଶନାଲ ପାର୍କ ଅଞ୍ଚଳରେ ଚାଲିଥିବା ଏହି ଅଭିଯାନ ଜାରି ରହିଛି । ବିଜାପୁରର ନେଶନାଲ ପାର୍କ ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ କ୍ରମେ ସୁରକ୍ଷା ବଳକୁ ମିଳିଛି ବଡ ସଫଳତା । ସମ୍ପୃକ୍ତ ଅଞ୍ଚଳରେ ଗୁରୁବାର ଫୋର୍ସ ଦ୍ୱାରା ସେଂଟ୍ରାଲ କମିଟି ମେମ୍ବର ତଥା ଜଣେ କୋଟିଏ ଟଙ୍କାର ପୁରସ୍କାର ଘୋଷିତ ନକ୍ସଲ ସୁଧାକର ନିହତ ହୋଇଥିବା ବେଳେ ଶୁକ୍ରବାର ଅପରାହ୍ନରେ ତେଲେଙ୍ଗାନା ଷ୍ଟେଟ କମିଟିର ସଦସ୍ୟ ତଥା ୨୫ ଲକ୍ଷ *ପୃଷ୍ଠା ୭ ଦେଖନ୍ତୁ...*

## ମୋଦୀ ସରକାର ନକ୍ସଲବାଦର କବଳରୁ ଭାରତକୁ ମୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ : ଅମିତ ଶାହ



**ନୂଆଦିଲ୍ଲୀ, ୭।୬ (ହି.ସ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ସେହି ଅଧିକାରୀମାନଙ୍କୁ ଭେଟିଛନ୍ତି ଯେଉଁମାନେ ନିକଟରେ ହୋଇଥିବା ନକ୍ସଲ ବିରୋଧୀ ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ଏହି ଅପରେସନ ଗୁଡ଼ିକର ଐତିହାସିକ ସଫଳତା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ମୋଦୀ ସରକାର ଭାରତକୁ ନକ୍ସଲବାଦର ବିପଦରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏକ୍ସ ରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, 'ନିକଟରେ ହୋଇଥିବା ନକ୍ସଲ ବିରୋଧୀ ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିକାରୀମାନଙ୍କୁ ଭେଟିଥିଲି ଏବଂ ଏହି ଅପରେସନର ଐତିହାସିକ ସଫଳତା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲି । ମୁଁ ସେହି ସାହସୀ ଯବାନମାନଙ୍କୁ ଭେଟିବାକୁ ଆଗ୍ରହୀ, ଯେଉଁମାନେ ନିଜ ସାହସ ଦ୍ୱାରା ଏହି ଅଭିଯାନକୁ ସଫଳ କରିଥିଲେ ଏବଂ ଖୁବ୍ ଶୀଘ୍ର ସେମାନଙ୍କୁ ଭେଟିବା ପାଇଁ ଛତିଶଗଡ଼ ଗସ୍ତ କରିବି । ମୋଦୀ ସରକାର ଭାରତକୁ ନକ୍ସାଲବାଦର ବିପଦରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।' ଏଠାରେ ଉଲ୍ଲେଖନୀୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସୁରକ୍ଷା ବାହିନୀ ଛତିଶଗଡ଼ରେ ନକ୍ସଲ ବିରୋଧୀ ଅପରେସନ ଚଳାଇଛନ୍ତି । ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ, ଛତିଶଗଡ଼ ପୋଲିସ ଦ୍ୱାରା (ନାରାୟଣପୁର, ଦାନ୍ତେୱାଡ଼ା, କୋଣ୍ଡଗାଓଁ ଏବଂ ବିଜାପୁର ଜିଲ୍ଲାର ଡିଆରଜି ୟୁନିଟ୍ ସମେତ) ଅବୁଝମାଡର ଆଭ୍ୟନ୍ତରୀଣ ଅଞ୍ଚଳରେ ୧୮.୦୫.୨୫ ରୁ ୨୧.୦୫.୨୫ ପର୍ଯ୍ୟନ୍ତ ଏକ ଅପରେସନ କରାଯାଇଥିଲା । ୨୧.୦୫.୨୦୨୫ ରେ, ବୋଟର ଗାଁର ଜଙ୍ଗଲରେ ଏକ ଏନକାଉଣ୍ଟର ଫଳସ୍ୱରୂପ ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ଏବଂ ପଲିଟ୍ ବ୍ୟୁରୋର ସଦସ୍ୟ ବାସବରାଜୁ ଓରଫ ଗଗାନ୍ନାଙ୍କ ସମେତ ୨୭ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିଲା, ଏବଂ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଉଦ୍ଧାର କରାଯାଇଥିଲା । ଏହି ଅପରେସନରେ ସାମିଲ ଥିବା *ପୃଷ୍ଠା ୭ ଦେଖନ୍ତୁ...*




# ବେଦାନ୍ତ ଆଲୁମିନିୟମ ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପରିବର୍ତ୍ତନକାରୀ ସ୍ଥାୟୀତ୍ୱ ପଦକ୍ଷେପକୁ ପ୍ରଦର୍ଶନ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଏବଂ ପ୍ରକୃତି ମିତ୍ର ପୁରସ୍କାରରେ ଏହାର ବିବିଧ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସଜି) ପଦକ୍ଷେପର ଏକ ଚମତ୍କାର ପ୍ରଦର୍ଶନୀ ଉପସ୍ଥାପନ କରିଥିଲା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜୁନ୍ ୫ ତାରିଖରେ କୃଷି ଶିକ୍ଷା ସଦନ, ଭୁବନେଶ୍ୱରରେ ଆୟୋଜିତ ସମାରୋହ। ଏହି କାର୍ଯ୍ୟକ୍ରମ ପରିବେଶଗତ ସଂରକ୍ଷଣ ଏବଂ ଜଳବାୟୁ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଶିଳ୍ପ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ବିଭିନ୍ନ ପ୍ରକାରର ସରକାର ଏବଂ ଶିଳ୍ପ ନେତା, ନୀତି ନିର୍ଦ୍ଧାରକ ଏବଂ ପରିବେଶ ବିଜେତାମାନଙ୍କୁ ଏକତ୍ରିତ କରିଥିଲା। ଉତ୍ସବର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ଏହାର ବ୍ୟାପକ ପରିବେଶଗତ ଏବଂ ଜଳବାୟୁ ପରିଚାଳନା ପଦକ୍ଷେପଗୁଡ଼ିକୁ ଉଜ୍ଜ୍ୱଳ କରି ଏକ ଆକର୍ଷଣୀୟ ଷ୍ଟଲ୍ ସ୍ଥାପନ କରିଥିଲା, ଯାହା ପ୍ରଦର୍ଶନ କରିଥିଲା ଯେ କିପରି ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସଗୁଡ଼ିକୁ ଗ୍ରହକୁ ସୁରକ୍ଷା ଦେବାର ଜରୁରୀ ଆବଶ୍ୟକତା ସହିତ ଜଡିତ କରାଯାଇପାରିବ। ଏହି ବିଷୟବସ୍ତୁ ଉପରେ, ଏହା ଜଳ ପରିଚାଳନା, ବୃତାକାର ଅର୍ଥନୀତି, ଗ୍ରାମୀଣ ଭିତିଭୂମି ଏବଂ ସମ୍ବଳ ଦକ୍ଷତା ଭଳି କ୍ଷେତ୍ରରେ କମ୍ପାନୀ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ଗୁଡ଼ିକୁ ଉପସ୍ଥାପନ କରିଥିଲା। ଏହି ଷ୍ଟଲରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଯିଏ ପ୍ରତ୍ୟେକ ଦିଗରେ ସ୍ଥାୟୀ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିବିଧ ପଦକ୍ଷେପଗୁଡ଼ିକୁ ପର୍ଯ୍ୟବେକ୍ଷଣ ଏବଂ ପ୍ରଶଂସା କରିଥିଲେ। ଏହା ସହିତ, ଅନେକ ନେତା ଏବଂ ବରିଷ୍ଠ ଅଧିକାରୀ ବେଦାନ୍ତର ଷ୍ଟଲରେ ଉପସ୍ଥିତ ଥିଲେ, ଯେଉଁଥିରେ ଗଣେଶ ରାମ ସିଂହ ଖୁଣ୍ଟିଆ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା- ଓଡ଼ିଶା, ମନୋଜ ଆହୁଜା, ମୁଖ୍ୟ ସଚିବ - ଓଡ଼ିଶା ଏବଂ ଅଧ୍ୟକ୍ଷ - ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଓଡ଼ିଶା, ଉମା ନାନ୍ଦୁରୀ, ସଦସ୍ୟ ସଚିବ, ଏସପିସିବି, ଓଡ଼ିଶା ଏବଂ ଡକ୍ଟର କେ. ମୁରୁଗେସନ, ଅତିରିକ୍ତ ପ୍ରମୁଖ, ମୁଖ୍ୟ ବନ ସଂରକ୍ଷକ (ନୋଡାଲ୍) ସାମିଲ ଥିଲେ। କେନ୍ଦ୍ରବିନ୍ଦୁ ଏହି କାର୍ଯ୍ୟକାରୀ ମଡେଲ ଥିଲା ଯାହା ଝାରସୁଗୁଡ଼ାରେ କମ୍ପାନୀର ମେଗା ଆଲୁମିନିୟମ୍ ଉତ୍ପାଦନ ପ୍ଲାଣ୍ଟରେ ଥିବା ଅତ୍ୟାଧୁନିକ ପରିବେଶ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏଥିରେ ବ୍ୟାଗ୍ ଫିଲଟର ସହିତ ହାଇବ୍ରିଡ୍ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରିସିପିଟେଟର୍ (ଇଏସପି) ଅନ୍ତର୍ଭୁକ୍ତ - ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ନିର୍ଗମନକୁ କମ କରିବାରେ ସାହାଯ୍ୟ କରେ ଏବଂ ଏହା ଓଡ଼ିଶାରେ ଏକମାତ୍ର ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ। ଏହି ମଡେଲ୍ ପ୍ଲାଣ୍ଟର ଆଶ୍ ରେଲୱେ ସାଇଡିଂ ସହିତ ଡ୍ରିଷ୍ଟ



ବ୍ୟାରିଅର୍ସକୁ ମଧ୍ୟ ଚିତ୍ରଣ କରିଥିଲା, ଯାହା ଫ୍ଲାଏ ଆଶ୍ର ସ୍ଥାୟୀ ବ୍ୟବହାରରେ ସାହାଯ୍ୟ କରେ, ଅପଚୟ ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରେ। ଏହା ବ୍ୟତୀତ, ଏହି ମଡେଲ୍ ରିଭର୍ସ ଅସମୋସିସ୍ ଏବଂ ଏମଇଇ (ମଲ୍ଟିପଲ୍ ଇଫେକ୍ଟ ଇଭାପୋରେଟର) ସିଷ୍ଟମ୍ ସହିତ ଏଫଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି)କୁ ଚିତ୍ରଣ କରିଥିଲା, ଯାହା କମ୍ପାନୀର କାର୍ଯ୍ୟରୁ ଶୂନ୍ୟ ତରଳ ବର୍ଜ୍ୟଜଳ ନିଷ୍କାସନକୁ ନିୟନ୍ତ୍ରିତ କରେ। ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ଆମର କାର୍ଯ୍ୟକ୍ଷମ ପଦ୍ଧତିର ମୂଳ ହେଉଛି ସ୍ଥାୟୀତ୍ୱ। ଆମେ ଏକ ସବୁଜ, ସ୍ୱାବଲମ୍ବୀ ଭବିଷ୍ୟତ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ, ଏବଂ ଦାୟିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ମାଧ୍ୟମରେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ଏହି କାର୍ଯ୍ୟକ୍ରମ ଭଳି ପ୍ଲାଟଫର୍ମ ସର୍ବୋତ୍ତମ ଅଭ୍ୟାସ ଏବଂ ନବସୃଜନ ପାଇଁ ଗୁରୁତ୍ୱପୂର୍ଣ୍ଣ ଯାହା ଆମ ପ୍ରତ୍ୟେକଙ୍କୁ ଏକ ଅଧିକ ସ୍ଥାୟୀ ଆସନ୍ତାକାଲି ପାଇଁ ଶିଖିବାକୁ, ସହଯୋଗ କରିବାକୁ ଏବଂ କାର୍ଯ୍ୟକାରୀ କରିବାକୁ ସକ୍ଷମ କରିପାରିବ।" ନିଜର ମତ ବ୍ୟକ୍ତ କରି ବେଦାନ୍ତ ଆଲୁମିନିଅମ୍ର ଚିଫ ଅପରେଟିଂ ଅଫିସର ସୁନୀଲ ଗୁପ୍ତା କହିଲେ, "ଆମେ ଆମର ପ୍ରତ୍ୟେକ କାର୍ଯ୍ୟପଦ୍ଧତିରେ ସସ୍ଥାୟୀତାକୁ ପ୍ରାଥମିକତା ଦେଉଛୁ। ଏହି ପ୍ରଦର୍ଶନୀ ମାଧ୍ୟମରେ ଆମେ ଦେଖାଇଲୁ, କିପରି ଆମେ ଅତ୍ୟାଧୁନିକ ପ୍ରଯୁକ୍ତି ସହ ବୈପ୍ଳବିକ ନବୀନତାକୁ ଏକତ୍ର କରି, ବିଶ୍ୱର ସବୁଠାରୁ ସସ୍ଥାୟୀ ଆଲୁମିନିଅମ୍ ଉତ୍ପାଦନ ପ୍ରଣାଳୀ ତିଆରି କରୁଛୁ। ଏହି ଉଦ୍ୟମ ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ଉଦ୍ୟୋଗକୁ ଏକ ରୂପାନ୍ତରମୂଳକ ସ୍ଥାୟୀ ଦିଗରେ ନେତୃତ୍ୱ ପ୍ରଦାନ କରିବା।" ଏହା ସହିତ, କମ୍ପାନୀ ସାରା ଓଡ଼ିଶାରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛି, ଯେଉଁଥିରେ ବୃହତ ରୋପଣ ଅଭିଯାନ ଅନ୍ତର୍ଭୁକ୍ତ, ଯେଉଁଥିରେ ଏହାର କାର୍ଯ୍ୟକ୍ଷମ ସ୍ଥାନଗୁଡିକରେ ୧.୨ ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଥିଲା। ପରିବେଶ ସଚେତନତାକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ, କମ୍ପାନୀ ଏକ ପ୍ରକୃତି ଫଟୋଗ୍ରାଫି ପ୍ରଦର୍ଶନୀ ସମେତ ପଥପ୍ରାନ୍ତ ନାଟକ ଏବଂ କର୍ମଚାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଭଳି ଆକର୍ଷଣୀୟ କାର୍ଯ୍ୟକଳାପର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ପ୍ରଯୁକ୍ତିବିଦ୍ୟା-ସକ୍ଷମ ସମାଧାନ, ସମ୍ପ୍ରଦାୟ-କୈନ୍ଦ୍ରିକ କାର୍ଯ୍ୟକ୍ରମ ଏବଂ ଏକ ଦୃଢ଼ ପରିବେଶଗତ ଶାସନ ଢାଞ୍ଚା ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଯାତ୍ରାକୁ ଆଗେଇ ନେଇ ଚାଲିଛି। କମ୍ପାନୀ ଆର୍ଥିକବର୍ଷ ୨୫ରେ ବର୍ଷାଜଳ ଅମଳ, ପ୍ରକ୍ରିୟାକରଣ ଜଳ ପୁନଃଚକ୍ରଣ ଏବଂ ଶୂନ୍ୟ ତରଳ ନିର୍ଗମନ ପ୍ରଣାଳୀ ମାଧ୍ୟମରେ ୧୬ ବିଲିୟନ ଲିଟରରୁ ଅଧିକ ଜଳ ସଂରକ୍ଷଣ କରିଛି। ଏହାର ପ୍ରମୁଖ ପଦକ୍ଷେପ, ପ୍ରୋଜେକ୍ଟ ସଙ୍ଗମ, ଲାଞ୍ଜିଗଡ଼ରେ ୩୦ ରୁ ଅଧିକ ନୂତନ ସମ୍ପ୍ରଦାୟ ଜଳାଶୟ ସୃଷ୍ଟି କରିଛି, ଯାହା ବର୍ଷସାରା ପ୍ରାୟ ୨୦୦ ଏକର ଜମିରେ ଜଳସେଚନ ସୁବିଧା ସୁନିଶ୍ଚିତ କରିବାର କ୍ଷମତା ରଖିଛି। କମ୍ପାନୀ ଏହାର ଶୂନ୍ୟ ତରଳ ନିର୍ଗମନ (ଜେଡଏଲଡି) ଦର୍ଶନର ଅଂଶ ଭାବରେ, ଏହାର ଝାରସୁଗୁଡା କାର୍ଯ୍ୟରେ ଏକ ମେଗା ରିଭର୍ସ ଅସମୋସିସ୍ (ଆରଓ) ପ୍ଲାଣ୍ଟ ଭଳି ପ୍ରଯୁକ୍ତିବିଦ୍ୟା ମଧ୍ୟ କାର୍ଯ୍ୟକାରୀ କରିଛି - ଏହା ନିୟନ୍ତ୍ରିତ କରୁଛି ଯେ ସମସ୍ତ ବର୍ଜ୍ୟଜଳକୁ ପ୍ଲାଣ୍ଟ ମଧ୍ୟରେ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବ। ଏହା ସହିତ, କମ୍ପାନୀ ସିମେଣ୍ଟ ଉତ୍ପାଦନ, ଇଟା ନିର୍ମାଣ ଏବଂ ଖଣି ବ୍ୟାକଫିଲିଂ ପାଇଁ ଶିଳ୍ପ ସହିତ ସହଭାଗୀ ହୋଇ ୧୩୩% ଫ୍ଲାଏ ଆସ୍ ବ୍ୟବହାର ହାସଲ କରିଛି। ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାରେ ଏହାର କାର୍ଯ୍ୟକ୍ଷମତା ମଧ୍ୟରେ ଏବଂ ଏହାର ଆଖପାଖରେ ୫.୫ ଲକ୍ଷରୁ ଅଧିକ ଗଛ ରୋପଣ କରାଯାଇଛି। ଯାହା ଜୈବ ବିବିଧତାକୁ ସମୃଦ୍ଧ କରିବା ସହିତ ରାଜ୍ୟର ସବୁଜ ଆଚ୍ଛାଦନକୁ ସୁଦୃଢ଼ କରିଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣି ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମ୍ ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

## ରେପୋ ହାର ୦.୫୦% କମିଲା : ମାସିକ ଋଣ କିସ୍ତି କମିବ




**ମୁମ୍ବାଇ,(ହି.ସ):** ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱାଧୀନ ମୁଦ୍ରାନୀତି କମିଟି ରେପୋ ହାରରେ ୦.୫୦ ପ୍ରତିଶତ ହ୍ରାସ କରିଛନ୍ତି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ସୁଧ ହାର ୫.୫ ପ୍ରତିଶତକୁ ହ୍ରାସ ପାଇଛି। ଏହାର ପ୍ରଭାବରେ ଆଗାମୀ ଦିନରେ ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଋଣ ନେଇଥିବା ଗ୍ରାହକମାନଙ୍କ ମାସିକ କିସ୍ତି କମ୍ ହେବ। ଫଳରେ ସେମାନଙ୍କ ପାଖରେ ଖର୍ଚ୍ଚ କରିବା ଲାଗି ଅଧିକ ଟଙ୍କା ରହିବ। ସେହି ଟଙ୍କା ସେ ଅନ୍ୟ କାର୍ଯ୍ୟରେ ବ୍ୟୟ କଲେ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇ ଦେଶର ଅଭିବୃଦ୍ଧି ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିବ। ଶ୍ରୀ ମାଲହୋତ୍ରା କହିଛନ୍ତି ଯେ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ଆଗକୁ ବଢୁଛି। ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ଲାଗି ତାହାକୁ ଆହୁରି ଦ୍ରୁତ ଗତିରେ ବଢ଼ାଇବା ଲାଗି ଉଦ୍ୟମ ହେଉଛି। ସେ ଏହା ମଧ୍ୟ କହିଛନ୍ତି ଯେ ଫେବ୍ରୁଆରୀ ପରଠାରୁ ସୁଧ ହାରରେ ୧ ପ୍ରତିଶତ ହ୍ରାସ ହୋଇଛି। ତେଣୁ ଆଗାମୀ ଦିନରେ ସୁଧ ଆହୁରି କମ୍ ହେବାର ସମ୍ଭାବନା ବିଶେଷ ନାହିଁ। ରିଜର୍ଭ ବ୍ୟାଙ୍କ ନଗଦ ଜମା ଅନୁପାତ (ସିଆରଆର୍) ହାରରେ ୧ ପ୍ରତିଶତ କମ୍ କରି ତାହାକୁ ୩ ପ୍ରତିଶତକୁ ହ୍ରାସ କରିଛି। କିନ୍ତୁ, ରିଜର୍ଭ ବ୍ୟାଙ୍କ ଏଥର ଯେଉଁ ସବୁଠୁ ବଡ଼ ଖୁସି ଖବର ଦେଇଛନ୍ତି, ତାହା ହେଉଛି ବର୍ଷତମାମ ଦରଦାମ୍ ନିୟନ୍ତ୍ରଣରେ ରହିବ। ଲୋକମାନଙ୍କୁ କେଣସି ସମୟରେ ଦରବୃଦ୍ଧିକୁ ନେଇ ଚିନ୍ତା କରିବାକୁ ପଡ଼ିବ ନାହିଁ। ମୁଦ୍ରାସ୍ଫୀତିକୁ ୬ ପ୍ରତିଶତ ତଳେ ରଖିବାକୁ ରିଜର୍ଭ ବ୍ୟାଙ୍କକୁ ସରକାର ଦାୟିତ୍ୱ ଦେଇଛନ୍ତି। କିନ୍ତୁ ଏହା ଏଥର ଆକଳନ କରିଛି ଯେ ଆର୍ଥିକ ବର୍ଷ ସାରା ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ କିମ୍ବା ତା'ଠାରୁ କମ୍ ରହିବ। ରିଜର୍ଭ ବ୍ୟାଙ୍କ ସୁଧ କମ୍ କରିଥିବାରୁ ବ୍ୟାଙ୍କଗୁଡ଼ିକର ରେପୋ ହାର ସହିତ ଲିଙ୍କ୍ ହୋଇଥିବା ଋଣଗୁଡ଼ିକର ଇଏମ୍ଆଇ ହ୍ରାସ ପାଇଛି। ଅନେକ ବ୍ୟାଙ୍କ ସେମାନଙ୍କ ଋଣ ସୁଧ ହାରକୁ ସେହି ଅନୁସାରେ କମ୍ କରିବେ। ଅତୀତରେ ମଧ୍ୟ ସେମାନେ ସେଭଳି ପଦକ୍ଷେପ ନେଇଥିଲେ। ଋଣ ସୁଧ କମ୍ ହେଲେ ଗ୍ରାହକମାନେ ସୁବିଧାରେ ଋଣ ପାଇପାରିବେ ଯାହା ଦ୍ୱାରା ଅର୍ଥନୀତିର ବିଭିନ୍ନ କ୍ଷେତ୍ରର କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇପାରିବ। ଆର୍ଥିକ ବର୍ଷ ୨୦୨୪-୨୫ର ଶେଷ ତ୍ରିୟମାସିକରେ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିଥିଲା। ୨୦୨୫-୨୬ରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି।

## ଇମ୍ଫା, ଥେରୁବାଲି ଦ୍ୱାରା ସାପ୍ତାହବ୍ୟାପୀ ପରିବେଶ ଦିବସ

**ରାୟଗଡା,(ଡିକେ ନ୍ୟୁଜ୍):** ଇମ୍ଫା, ଥେରୁବାଲି ଦ୍ୱାରା ୩୦ ମଇରୁ ୫ ଜୁନ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଯାହାର ମୂଳ ଉଦ୍ଦେଶ୍ୟ ଥିଲା ପରିବେଶ ସଚେତନତା ଓ ସ୍ଥାୟୀତାକୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଶ୍ରମିକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପରିବେଶପ୍ରତି ଦାୟିତ୍ୱବାନ ରୂପେ ଗଢି ତୋଳିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ଭୋଇ, କ୍ଷେତ୍ରୀୟ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାୟଗଡା, ଏବଂ ତାଙ୍କ ସହିତ ଆର.କେ. ସାହୁ, ଉପ ପରିବେଶ ଇଞ୍ଜିନିୟର ଓ ଏ.କେ. ରାୟ, ଉପ-ସଭାପତି ଭରପ୍ରାପ୍ତର ମୁଖ୍ୟ କାର୍ଯ୍ୟନିର୍ବାହୀ, ଇମ୍ଫା ଉପସ୍ଥିତ ଥିଲେ। ଅତିଥିମାନଙ୍କର ପ୍ରେରଣାଦାୟୀ ବକ୍ତବ୍ୟଗୁଡିକ ଉପସ୍ଥିତ ଶ୍ରମିକ ଓ କର୍ମଚାରୀ ଓ ଛାତ୍ରଛାତ୍ରୀ ମଣ୍ଡଳୀଙ୍କୁ ପରିବେଶ ପାଇଁ ଦୃଢ଼ ପଦକ୍ଷେପ ନେବାରେ ଉତ୍ସାହିତ କରିଥିଲା। ପ୍ରଦୂଷଣ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁର



ପରିଚାଳନା ଓ ସଂରକ୍ଷଣ ବିଷୟରେ ଆଲୋଚନା ସଭା ଓ ଆନ୍ତଃକ୍ରିୟାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସପ୍ତାହ ଦୂରାନ୍ତେ କର୍ମଚାରୀ ଓ ତାଙ୍କ ପରିବାରମାନେ ଏକ ସଚେତନତା ଶୋଭଯାତ୍ରା ଅଂଶଗ୍ରହଣ କରି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା ବାର୍ତ୍ତା ପ୍ରଚାର କରିଥିଲେ। ସେଥିପାଇଁ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ସନ୍ତୁଳନ ଓ ସବୁଜ ଆବରଣ ବୃଦ୍ଧି କରିବା। ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଇମ୍ଫା ଥେରୁବାଲି ପକ୍ଷରୁ ଗ୍ରହଣ କରାଯାଉଥିବା ସସ୍ଥାୟୀ ପଦକ୍ଷେପ ଉପରେ ପ୍ରଶଂସା କରି, ପରିବେଶ ସୁରକ୍ଷାରେ ବ୍ୟକ୍ତିଗତ ଓ ସାମୂହିକ ଭୂମିକାର ଉଲ୍ଲେଖ କରିଥିଲେ। ଉଦଯାପନୀ ଦିବସରେ ସମସ୍ତ ଅଂଶ ଗ୍ରହଣକାରୀ ଆଗାମୀ ଦିନରେ ମଧ୍ୟ ପରିବେଶ ପାଇଁ ସକ୍ରିୟ ଓ ଦାୟିତ୍ୱବାନ ରହିବେ ବୋଲି ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରସାନ୍ତ କୁମାର ନାୟକ (ବରିଷ୍ଠ ପରିଚାଳକ, ଗୁଣବତ୍ତା ନିୟନ୍ତ୍ରଣ) ଓ ଦୀପକ କୁମାର ଓଝା (ସହକାରୀ ପରିଚାଳକ, ଲୋକ ସଂପର୍କ)ଙ୍କ ଯୁଗ୍ମ ସଂଯୋଜନାରେ ଉପ-ସଭାପତି ଭରପ୍ରାପ୍ତର ମୁଖ୍ୟ କାର୍ଯ୍ୟନିର୍ବାହୀ, ଇମ୍ଫା ଏ.କେ. ରାୟଙ୍କ ନିର୍ଦ୍ଦେଶନାରେ ବ୍ୟବସ୍ଥାପିତ ଓ ଆୟୋଜିତ ହୋଇଥିଲା।

ଡୁମାଣୀ ଖବର

# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ସାରା ଦେଶରେ ଧୁମଧାମରେ ପାଳନ ହୋଇଛି ଇଦ୍ ଉଲ ଜୁହା

**ନୂଆଦିଲ୍ଲୀ,(ହି.ସ):** ସାରା ଦେଶ ଇଦ୍ ଉଲ ଜୁହା ପର୍ବକୁ ଧୁମଧାମରେ ପାଳନ କରୁଛି । ବକ୍ରିଇଦ୍ର କେତେକ ଅନ୍ୟ ନାମ ମଧ୍ୟ ଅଛି, ଯାହା ଭିତରୁ ମଧ୍ୟରୁ ଇଦ୍-ଉଲ୍-ଅଜହା ସବୁଠାରୁ ପ୍ରମୁଖ। ଦେଶର ପ୍ରମୁଖ ମସଜିଦରେ ମୁସଲିମ ସଂପ୍ରଦାୟର ଭାଇମାନେ ବକ୍ରିଇଦ୍ର ନମାଜ ପାଠ ସହିତ ଶାନ୍ତି ଓ ଖୁସିର ଆଶୀର୍ବାଦ ମାଗୁଛନ୍ତି। ଏହି ପର୍ବଟିକୁ ତ୍ୟାଗ ଓ ମାନବତାର ପ୍ରତୀକ ଭାବେ ଗଣାଯାଏ। ଇସଲାମ ଧର୍ମରେ ଏହାକୁ 'କୁର୍ବାନୀର ପର୍ବ' ବୋଲି କୁହାଯାଇଛି। ଦିଲ୍ଲୀର ବଡ଼-ଛୋଟ ସମସ୍ତ ମସଜିଦରେ ନମାଜ ପାଠ ସହିତ ଇଦ୍-ଉଲ୍-ଅଜହା ପର୍ବକୁ ଧୁମଧାମରେ ପାଳନ କରାଯାଇଛି। ପାରମ୍ପରିକ ପୋଷାକରେ ହଜାର ହଜାର ଲୋକ ଜାମା ମସଜିଦକୁ ଯାଇଥିଲେ। ମୁସଲିମ ବହୁଳ ପୁରୁଣା ଦିଲ୍ଲୀରେ ସୂର୍ଯ୍ୟର ପ୍ରଥମ କିରଣ ପଡିବା ସହିତି ଜାମା ମସଜିଦର ପ୍ରାଙ୍ଗଣ ନମାଜ ପାଠ ପାଇଁ ଭରିଯାଇଥିଲା। ନମାଜ ପଢି ସାରିଲା ପରେ ଲୋକେ ଶାନ୍ତି ଓ ସଦଭାବନାର ଶୁଭେଚ୍ଛା ଆଦାନ-ପ୍ରଦାନ କରିଥିଲେ।

## ମଣିପୁରରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଆଇଇଡି ଉଦ୍ଧାର

**ଇମ୍ଫାଲ,(ହି.ସ):** ସୁରକ୍ଷାବାହିନୀ ମଣିପୁରର ପାହାଡି ଏବଂ ସମତଳ ଜିଲ୍ଲାର ସୀମାବର୍ତ୍ତୀ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ସର୍ଚ୍ଚ ଅପରେସନ ଏବଂ ଏରିଆ ଡୋମିନେସନ ଅଭିଯାନ କରିଛନ୍ତି।ଏହି ସମୟରେ ଦୁଇ ଜିଲ୍ଲାରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରଣ ସାମଗ୍ରୀ ଉଦ୍ଧାର କରାଯାଇଛି।ପୋଲିସ ଶନିବାର କହିଛନ୍ତି ଯେ କୋଟଜିମ ଗ୍ରାମର (ଯାହା। କୋଟଲେନ ସୀଓବିରୁ ୪.୫ କିମି ଉତ୍ତର -ପଶ୍ଚିମରେ ଅବସ୍ଥିତ)ସାଧାରଣ ଅଞ୍ଚଳରେ ଏକ ଆମେରିକୀୟ ନିର୍ମିତ ଏମ-୧୬ ରାଇଫଲ,ଏକ ବୋଲ୍ଟ ଏକ୍ସନ ରାଇଫଲ,ତିନୋଟି)ପୁଲ ମେକେନିଜ୍ମ ରାଇଫଲ ,ତିନୋଟି) ଇମ୍ପ୍ରୋଭାଇଜ୍ଡ ମୋର୍ଟାର ,ପାଞ୍ଚୋଟି) ମୋର୍ଟାର ବମ, ଗୋଟିଏ)ମୋଟୋରୋଲା ସେଟ ତଥା ଗୋଟିଏ)ବୁଲେଟପ୍ରୁଫ ଜ୍ୟାକେଟ ଜବତ କରାଯାଇଥିଲା।ଏହି ଅପରେସନ ନ୍ୟୁ କ୍ୟାଥେଲମ୍ବାବୀ ଥାନା ଅଞ୍ଚଳ,କାଙ୍ଗପୋକପି ଜିଲ୍ଲା ଅଧୀନରେ କରାଯାଇଛି।ଏହା ବ୍ୟତୀତ ଟେଙ୍ଗନୌପାଲ ଜିଲ୍ଲାର ଅନ୍ୟ ଏକ ସାଧଆରଣ ଅଞ୍ଚଳରୁ ଚାରୋଟି ଆଇଇଡୀ ମଧ୍ୟ ଉଦ୍ଧାର କରାଯାଇଛି। ସୁରକ୍ଷାବାହିନୀର ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାର ପ୍ରୟାସର ଏକ ଅଂଶ।

## ଅପରେସନ ସିନ୍ଦୂରକୁ ପୂରିଲା ମାସେ

**ନୂଆଦିଲ୍ଲୀ,(ହି.ସ):** ଆଜି ହେଉଛି ସେହି ଦିନ ଯେଉଁ ଦିନ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୂର। ତେଣୁ ଅପରେସନ ସିନ୍ଦୂରକୁ ପୂରିଲା ମାସେ। ହେଲେ ଏବେଯାଏଁ ସୁଧୁରୁନି ପାକିସ୍ତାନର ସ୍ଥିତି। ଏବେବି ଚିତ୍କାର କରୁଛି ଶତ୍ରୁ ଦେଶ ପାକିସ୍ତାନ। ପହଲଗାମ ଆତଙ୍କୀ ଆକ୍ରମଣ ୨୬ ଜଣ ନିରୀହ ପୁରୁଷଙ୍କୁ ସେମାନଙ୍କ ଜାତି ପଚାରି ପଚାରି ପିଲା ଆଉ ସ୍ତ୍ରୀଙ୍କ ଆଖି ସାମ୍ନାରେ ଗୁଳି କରି ହତ୍ୟା କରିଥିଲେ। ସେହି ମା' ମାନଙ୍କ ସିନ୍ଦୂରର ପ୍ରତିଶୋଧ ନେବା ପାଇଁ ଭାରତ ମେ ୬-୭ ତାରିଖ ରାତି ୧:୦୫ରୁ ୧:୩୦ ମଧ୍ୟରେ ଆରମ୍ଭ କରିଥିଲା ଅପରେସନ୍ ସିନ୍ଦୂର। ପାକିସ୍ତାନ ଆତଙ୍କୀକୁ ସହାୟତା ଦେଉଥିବା ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ଟାର୍ଗେଟ୍ କରି ପାଖାପାଖି ୭ଟି ଆଡ୍ଡାକୁ ନଷ୍ଟ କରିଥିଲା ଭାରତ। ଏହାପରେ କିଛି ଦିନ ପାକିସ୍ତାନ ଓ ଭାରତ ମଧ୍ୟ ତିକ୍ତତା ଲାଗି ରହିଲା। ପାକିସ୍ତାନର ଡ୍ରୋନ ଓ ମିସାଇଲ୍ ମାଡ଼ର କଡ଼ା ଯବାବ ଦେଇ ଚାଲିଲା ଭାରତୟ ଯାହା ଫଳରେ ପାକିସ୍ତାନର ଏୟାରବେସ୍ ସମେତ ଅନେକ ସ୍ଥାନକୁ ଡ୍ରୋନ୍ ଓ ମିସାଇଲ୍ ପକାଇ ଉଡ଼ାଇବାରେ ସକ୍ଷମ ହୋଇଥିଲା ଭାରତ।

## ଜାମ୍ମୁକାଶ୍ମୀର ଜାତୀୟ ରାଜପଥ ସମସ୍ତ ପ୍ରକାର ଯାତାୟତ ପାଇଁ ପୁନଃସ୍ଥାପିତ

**ଜାମ୍ମୁ,(ହି.ସ):** ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଶନିବାର ଦିନ ସମସ୍ତ ପ୍ରକାରର ଯାତାୟତ ପାଇଁ ପୁନଃସ୍ଥାପିତ କରାଯାଇଛି।ଛୋଟ ଯାନବାହାନକୁ ରାଜପଥର ଉଭୟ ପାର୍ଶ୍ୱରେ ଚଳାଚଳ କରିବାକୁ ଅନୁମତି ଦିଆଯାଇଥିବାବେଳେ ବଡ ଯାନଗୁଡିକୁ କେବଳ ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଯିବାକୁ ଅନୁମତି ଦିଆଯାଇଛି।ଟ୍ରାଫିକ ବିଭାଗର ଅଧିକାରୀ କହିଛନ୍ତି ଯେ ଜାମ୍ମୁ- ଶ୍ରୀନଗର ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ଭାବରେ ଜାରି ରହିଛି।ଛୋଟ ଯାନଗୁଡିକୁ ସେମାନଙ୍କ ଲେନରେ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ କୌଣସି ଯାନକୁ ଦ୍ରୁତ ଗତିରେ ନ ଚଲାଇବା କିମ୍ବା ଓଭରଟେକିଂ କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି,ଯାହାଦ୍ୱାରା ରାଜାର୍ଗରେ କୌଣସି ଟ୍ରାଫିକ ଜାମ ନହୁଏ।ଏହି ସମୟରେ ଛୋଟ ଯାନଗୁଡିକୁଜାମ୍ମୁରୁ ଶ୍ରୀନଗର ଏବଂ ଶ୍ରୀନଗରରୁ ଜାମ୍ମୁ ଉଭୟ ପାର୍ଶ୍ୱରୁ ଯିବାକୁ ଅନୁମତି ଦିଆଯାଉଥିବା ବେଳେ ଭାରୀ ଯାନବାହାନକୁ କେବଳ ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଚଳାଚଳ କରିବାକୁ ଅନୁମତି ଦିଆଯାଇଛି।ବିଭାଗ ଯାତ୍ରୀମାନଙ୍କୁ ନିବେଦନ କରିଛି ଯେ ସେ ନିଜରଯାତ୍ରା ଆରମ୍ଭ କରିବା ପୁର୍ବରୁଯାତାୟତ କଣ୍ଟ୍ରୋଲରୁମ ସହ ଯୋଗାଯୋଗ କରିବା ଉଚିତ ଯାହାଫଳରେ ସେମାନେ ପରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି।

## କ୍ୟାନିଂ ଷ୍ଟେସନରୁ ଅସ୍ତ୍ର ଚୋରା ଚାଲାଣକାରୀ ଗିରଫ

**କୋଲକାତା,(ହି.ସ):** ଗୁପ୍ତ ସୂଚନା ଆଧାରରେ ଦକ୍ଷିଣ ୨୪ ପରଗଣାର କ୍ୟାନିଂ ପୋଲିସ ଷ୍ଟେସନ ଶୁକ୍ରବାର ରାତିରେ ଜଣେ ଅସ୍ତ୍ର ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାପି ଅଧିକାରୀ ଭାବରେ ଚିହ୍ନଟ ହୋଇଛି। ତାଙ୍କୁ କ୍ୟାନିଂ ରେଳ ଷ୍ଟେସନ ଅଞ୍ଚଳରୁ ଅଟକ ରଖାଯାଇଛି। ପୋଲିସ ଶନିବାର କହିଛି, 'ସୁନ୍ଦରବନ ଉପକୂଳ ପୋଲିସ ଷ୍ଟେସନ ଅଞ୍ଚଳରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରିଥିଲେ। ବାପି ଅଧିକାରୀଙ୍କ କାମ ସେହି ଦୁର୍ବୃତ୍ତମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଥିଲା। ସୂଚନା ଅନୁଯାୟୀ, ପିୟାଲି ଅଞ୍ଚଳର ଦୁଇଜଣ ଅପରାଧୀ ଶୁକ୍ରବାର ରାତିରେ କ୍ୟାନିଂ ପହଞ୍ଚିବାର ଥିଲା, ଯେଉଁଠାରେ ବାପି ସେମାନଙ୍କୁ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିବାକୁ ଯାଉଥିଲେ। କିନ୍ତୁ ପୋଲିସ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଷ୍ଟେସନ ଅଞ୍ଚଳରୁ ବାପିକୁ ଗିରଫ କରିଥିଲା। ଗିରଫ ପରେ, ଅଭିଯୁକ୍ତକୁ ଶନିବାର ଆଲିପୁର କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ ପୋଲିସ ତାଙ୍କୁ ନିଜ ହେପାଜତକୁ ନେଇଥିଲା। ଡକାୟତି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ବିଷୟରେ ସୁରାକ ପାଇବା ପାଇଁ କ୍ୟାନିଂ ପୋଲିସ ଷ୍ଟେସନ ଏବେ ଘଟଣାର ଅଧିକ ତଦନ୍ତ କରୁଛି।

# ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ ଘୋଷଣା କରାଯାଇଛି, ଏହି ନୂତନ ଉତ୍ପାଦକୁ ଧାନ ଚାଷ କରୁଥିବା କୃଷକମାନଙ୍କୁ କାଣ୍ଡ ବିନ୍ଧା ପୋକ ବା ଶାଖା କୀଟକୁ ପ୍ରଭାବୀ ରୂପେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଛି। ବିକୋଟା ଏଭଳି କ୍ଷତିକାରକ କୀଟଗୁଡିକ ବିରୋଧରେ ମଜବୁତ ସୁରକ୍ଷା ପ୍ରଦାନ କରିବା ପାଇଁ ବାୟର୍‌ର ସ୍ୱତନ୍ତ୍ର ଉଦ୍ଭାବନକୁ ଏକତ୍ରିତ କରିଛି। ବିକୋଟା ଅଧିକ ଧାନ ଫସଲ କରାଯାଉଥିବା ରାଜ୍ୟ ଯେପରିକି ପଞ୍ଜାବ, ହରିଆନା, ଉତରାଖଣ୍ଡ, ପଶ୍ଚିମ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଆଦିରେ ଜୁନ୍ ୨୦୨୫ରୁ ଉପଲବ୍ଧ ହେବ। ବିକୋଟା ଏଭଳି କୀଟଗୁଡିକର ଖାଦ୍ୟକୁ ରୋକିବା ପାଇଁ ତତ୍କାଳ କାର୍ଯ୍ୟ କରିଥାଏ ଏବଂ ଫସଲକୁ ଦୀର୍ଘସ୍ଥାୟୀ ସୁରକ୍ଷା ଦେଇଥାଏ। କେବଳ ଗୋଟିଏ ପ୍ରୟୋଗ ସହିତ କୃଷକମାନେ ବଜାରରେ ଉପଲବ୍ଧ ଅନ୍ୟ ସମାଧାନଗୁଡିତ ତୁଳନାରେ ଦୀର୍ଘ ସମୟ ପାଇଁ ଅତିରିକ୍ତ ସୁରକ୍ଷା ପାଇପାରିବେ। ଏହାବ୍ୟତୀତ ଏହା ମଜବୁତ ଚେର ଓ ଶାଖା ବିକାଶକୁ ପ୍ରୋତ୍ସାହିତ କରିଥାଏ, ଫସଲର ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ ରଖିବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ଅମଳ ସୁନିଶ୍ଚିତ କରିବା ସହ ପରିବର୍ତ୍ତିତ ଜଳବାୟୁ ସ୍ଥିତି ମଧ୍ୟରେ କାଣ୍ଡ ବିନ୍ଧା ପୋକଗୁଡିକର ଆକ୍ରମଣକୁ ନିୟନ୍ତ୍ରଣ କରିବା ଭଳି ପ୍ରମୁଖ ଆହ୍ୱାନଗୁଡିକର ସମାଧାନ କରିଥାଏ। ଏହି ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ବାୟର୍‌ର କ୍ରପ ସାଇନ୍ସ ଡିଭିଜନର ଭାରତର ମୁଖ୍ୟ ପରିଚାଳନା ଅଧିକାରୀ ମୋହନ ବାବୁ କହିଛନ୍ତି, " ବାୟର୍ ନିଜର ଉଦ୍ଭାବନଗୁଡିକ ମାଧ୍ୟମରେ କୃଷକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରୟାସ କରୁଛି। ବିକୋଟା ସହିତ ଆମେ କେବଳ ଧାନ ଫସଲର କୃଷକମାନଙ୍କୁ ସେମାନଙ୍କର ଫସଲକୁ ସୁରକ୍ଷିତ ରଖିବା ପାଇଁ ସମାଧାନ ପ୍ରଦାନ କରିବାକୁ ଚାହୁଁନାହୁଁ ବରଂ ସେମାନଙ୍କର ସମୟ ଓ ଶ୍ରମ ଖର୍ଚ୍ଚକୁ ସଞ୍ଚୟ କରିବା ସହିତ ସେମାନଙ୍କର ଉତ୍ପାଦନ ଓ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛୁ।" ବିକୋଟା ବ୍ୟବହାର ପାଇଁ ସୁରକ୍ଷିତ ଅଟେ ଏବଂ କୀଟପତଙ୍ଗଗୁଡିକୁ ଦୂର କରିବା ପାଇଁ ଉପଯୋଗୀ ଅଟେ, ଯାହା ଏହାକୁ କୃଷକଙ୍କ ପାଇଁ ଏକ ଆଦର୍ଶ ପସନ୍ଦରେ ପରିଣତ କରୁଛି ଏବଂ ଏହା ଇଣ୍ଟିଗ୍ରେଟେଡ ପେଷ୍ଟ ମ୍ୟାନେଜମେଣ୍ଟ (ଆଇପିଏମ) ଅଭ୍ୟାସଗୁଡିକ ସହ ଭଲ ଭାବରେ ମେଳ ଖାଉଛି। ଏହାର ଗ୍ରାନୁଲାର ଫର୍ମୁଲେଶନ ସହଜ ପ୍ରୟୋଗ ପାଇଁ ଅନୁମତି ଦେଇଥାଏ, ଯାହା ଏହାକୁ କୃଷକଙ୍କ ପାଇଁ ନିଜର ଚାଷ ଜମିକୁ ଶୀଘ୍ର ଆଚ୍ଛାଦିତ କରିବା ପାଇଁ ସହଜ କରିଥାଏ।

# 'ଓଡିଶାର କୃଷି ବ୍ୟବସାୟ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କଲେ ରାଜ୍ୟପାଳ

**ଭୁବନେଶ୍ୱର,(ଡିକେ ନ୍ୟୁଜ):**କୃଷିରେ ଅଭାବୀ କ୍ଷେତ୍ରଗୁଡ଼ିକ ଚିହ୍ନଟ କରି ଓଡିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ଓୟୁଏଟି (ଓଡିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର୍ ଆଣ୍ଡ୍ ଟେକ୍ନୋଲୋଜି) ଓ ଆଇ.ଏସ୍.ଏ.ଏମ୍. (ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲଚରାଲ ମାର୍କେଟିଂ) ହାଇଦ୍ରାବାଦ ଆନୁକୂଲ୍ୟରେ ଓୟୁଏଟି ଠାରେ 'ଓଡିଶାର କୃଷି ବ୍ୟବସାୟ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାଗୁଡ଼ିକ ଶୈକ୍ଷିକ ପାଠ୍ୟକ୍ରମରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଅଧିକ ଲୋକ ବିଶେଷ କରି ଚାଷୀମାନେ ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ଓ ଲାଭ ପାଇପାରିବେ। କୃଷକମାନଙ୍କ ମଧ୍ୟରେ ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରିବା ଏବଂ ଆଧୁନିକ କୃଷି ବ୍ୟବସାୟ ଧାରା ସହିତ ପ୍ରସ୍ତୁତ କରିବାକୁ ଦକ୍ଷତା ଭିତିକ ତାଲିମ୍ ନିମନ୍ତେ ଏକାଡେମିକ୍ କମ୍ୟୁନିଟି ଏବଂ ନୀତି




ନିର୍ଦ୍ଧାରକମାନେ ବ୍ୟାପକ ମଡେଲ ନିର୍ମାଣ କରିବାକୁ ରାଜ୍ୟପାଳ କହିଥିଲେ। ରାଜ୍ୟର କୃଷି ଶକ୍ତି ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ ଓଡିଶାର ଅନନ୍ୟ କୃଷି ଜଳବାୟୁ ପରିସ୍ଥିତି ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରୁ ଜଙ୍ଗଲପୂର୍ଣ୍ଣ ଉଚ୍ଚଭୂମି ପର୍ଯ୍ୟନ୍ତ ଏହା ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ। ୫୦ ଶତକଡ଼ାରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଥିବାରୁ କୃଷି ବ୍ୟବସାୟ ଗ୍ରାମୀଣ ସମୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ଶକ୍ତିଶାଳୀ ଇଂଜିନ ଭାବରେ କାର୍ଯ୍ୟ କରିପାରିବ। କୃଷି ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ଶୀତଳ ଶୃଙ୍ଖଳ, ଗୋଦାମ ଏବଂ ରପ୍ତାନୀ ଭିତ୍ତିକ କୃଷି କ୍ଷେତ୍ରରେ ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ବିଶେଷକରି ହଳଦୀ, ବାଜରା, ଆମ୍ବ, ସାମୁଦ୍ରିକ ମାଛ ଏବଂ ପନିପରିବା ଭଳି ଉଚ୍ଚ ସମ୍ଭାବ୍ୟ ଫସଲ କ୍ଷେତ୍ରରେ ଉଜ୍ଜ୍ୱଳ ସମ୍ଭାବନା ରହିଛି ବୋଲି ରାଜ୍ୟପାଳ କହିଥିଲେ। କୃଷି ବ୍ୟବସାୟର ଅଭିବୃଦ୍ଧି ପାଇଁ ସ୍ଥାୟୀ ପଥ ବିଷୟରେ ଆଲୋଚନା କରିବା ନିମନ୍ତେ ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅଂଶୀଦାରମାନଙ୍କୁ ଏକତ୍ରିତ କରିବା ପାଇଁ ଓୟୁଏଟି ଓ ଆଇଏସ୍‌ଏଏମ୍‌କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଉଦ୍ୟାନ କୃଷି, ମତ୍ସ୍ୟପାଳନ, ଦୁଗ୍ଧ, ମକା ଏବଂ ଡାଲି ଭଳି ବାଣିଜ୍ୟିକ ଫସଲର ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ବଜାର ଉନ୍ମୁଖୀ କୃଷି ଆଡକୁ ଗତି କରୁଛି ବୋଲି କହିଥିଲେ। ଷ୍ଟାର୍ଟ ଅପ୍ ଓଡିଶା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏଗ୍ରି ବିଜିନେସ୍ ସେଂଟର ଇତ୍ୟାଦି ସରକାରଙ୍କ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରି ଏହା କୃଷି କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରୁଛି ବୋଲି କହିବା ସହିତ ଗ୍ରେଡିଂ, ପ୍ୟାକେଜିଂ ଏବଂ ଅମଳ ପରବର୍ତ୍ତୀ ପରିଚାଳନାରେ ତାଲିମ ପ୍ରଦାନ କରାଯାଇ ଚାଷୀମାନଙ୍କୁ ବିଶ୍ୱ ବଜାର ସହିତ ଯୋଡିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍‌ବ୍ୟତୀତ କ୍ଲଷ୍ଟର ଆଧାରିତ ମଡେଲ ମାଧ୍ୟମରେ ଏଫ.ପି.ଓ., ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କୁ ସଶକ୍ତ କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଓୟୁଏଟିର ଭାଇସ୍ ଚାନସେଲର ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ବିଧୁଭୂଷଣ ମିଶ୍ର, ଆଇ.ଏସ୍.ଏ.ଏମ୍.ର ସେକ୍ରେଟାରୀ ତଥା ମ୍ୟାନେଜିଂ ଡିରେକ୍ଟର ଡ.ଟି. ସତ୍ୟନାରାୟଣ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭରେ କଲେଜ୍ ଅଫ୍ ଏଗ୍ରିକଲଚରର ଡିନ୍ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା

# ରାଜ୍ୟର ଚୂଡ଼ାନ୍ତ ଆଇ.ଟି. ନୀତିରେ ସଂଶୋଧିତ ରିହାତି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଇଲେକ୍ଟ୍ରୋନିକ ଗବେଷଣା"ଓଡ଼ିଶା ପ୍ରଦତ ସୁବିଧା: ଇ.ଏସ୍.ଡି.ଏମ୍. ଲକ୍ଷ୍ୟ ପୂରଣ ଦିଗରେ ଏକ ଅନୁପ୍ରେରଣା" ଶୀର୍ଷକ ଏହି କର୍ମଶାଳାରେ ଆଇ.ଟି. ଶିଳ୍ପ କ୍ଷେତ୍ରର ପ୍ରତିନିଧି ଓ ଇ. ଆଣ୍ଡ ଆଇ.ଟି. ବିଭାଗ ଉଚ୍ଚ ପଦାଧିକାରୀଙ୍କ ମଧ୍ୟରେ ସରକାରଙ୍କ ନୀତି ତଥା ଶିଳ୍ପ ଅନୁକୂଳ ପ୍ରସ୍ତାବ ସଂପର୍କରେ ଆଲୋଚନା ତଥା ମତ ବିନିମୟ ହୋଇଥିଲା । ଉପସ୍ଥିତ ହିତଧାରକମାନେ ସେମାନଙ୍କ ପରିଚୟ ଏବଂ ନିଜ ନିଜ ସଂସ୍ଥାର ସଫଳତା ସହ ବିଭିନ୍ନ ସମସ୍ୟା ବଖାଣିବା ପରେ ବିଭାଗ ପକ୍ଷରୁ କରାଯାଇଥିବା ପଲିସି ସଂଶୋଧନ ଓ ପଲିସିର ଲକ୍ଷ୍ୟ ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । କର୍ମଶାଳାକୁ ସମ୍ବୋଧିତ କରି ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଥିଲେ, "ଇଲେକ୍ଟ୍ରୋନିକ୍ସ ନୀତିରେ ଆଗାମୀ ସଂଶୋଧନ ବିଷୟରେ ଆପଣଙ୍କୁ ଅବଗତ କରାଇବା ହେଉଛି ଏହି ବୈଠକର ଉଦ୍ଦେଶ୍ୟ । ପ୍ରୋତ୍ସାହନ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ତାହା ହିଁ ଯଥେଷ୍ଟ ନୁହେଁ।" ଯେକୌଣସି ନୀତିର ଯଥୋଚିତ ଲାଭ ଉଠାଇବା ପାଇଁ ଏକ ଦୃଢ଼ ଏବଂ ବ୍ୟାପକ ଇକୋସିଷ୍ଟମ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ । ପରେ, ଇ.ଏଣ୍ଡ.ଆଇ.ଟି. ବିଭାଗର ପ୍ରତିନିଧିମାନେ ନୀତି ଢାଞ୍ଚାରେ ପ୍ରସ୍ତାବିତ ସଂଶୋଧନ ଉପସ୍ଥାପନ କରିଥିଲେ। ପ୍ରମୁଖ ଉଲ୍ଲେଖନୀୟ ବିଷୟଗୁଡ଼ିକ ମଧ୍ୟରେ ଭୂମି ପ୍ରିମିୟମରେ ଶତପ୍ରତିଶତ ରିହାତି, ଷ୍ଟାମ୍ପ ଡ୍ୟୁଟି ଛାଡ଼, ଲିଜ୍ ଭଡ଼ା ରିହାତି, ବିଦ୍ୟୁତ୍ ଶୁଳ୍କ ରିହାତି, ସ୍ଥିର ପୁଞ୍ଜି ପ୍ରୋତ୍ସାହନ ଏବଂ ମାନବ ପୁଞ୍ଜି ବିକାଶ ପ୍ରୋତ୍ସାହନ ଇତ୍ୟାଦି ସଂପର୍କରେ ହିତଧାରକମାନଙ୍କୁ ଜଣାଇଥିଲେ। ଅତିରିକ୍ତ ପଦକ୍ଷେପ ସ୍ୱରୂପ ପରିବର୍ଦ୍ଧିତ ଇ.ପି.ଆଇ.ଏବଂ ଇ.ଏସ୍.ଆଇ. ପ୍ରତିପୂରଣ, ଷ୍ଟେଟ ଜି.ଏସ୍.ଟି. ପ୍ରତିପୂରଣ, ଆଭ୍ୟନ୍ତରୀଣ ପେଟେଣ୍ଟ ପଞ୍ଜୀକରଣ ୭୫ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଏବଂ ମାର୍କେଟିଂ ପ୍ରୋତ୍ସାହନ ଆଦି ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । ପାଞ୍ଚକୋଟି ଟଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ ଗବେଷଣା ଏବଂ ବିକାଶ ସହାୟତା, ଇ.ଏସ.ଡି.ଏମ୍. ପାର୍କ ବିକାଶ ପାଇଁ ସର୍ବାଧିକ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଏବଂ ସବୁଜ ଶକ୍ତିର ସୁଲଭତା ସଂପର୍କରେ ମଧ୍ୟ ବିଭାଗର ପ୍ରତିନିଧି ଜଣାଇଥିଲେ । ଏହି ଉପସ୍ଥାପନାରେ କୁଶଳୀ ପ୍ରତିଭାର ଧାରାକୁ ସୁଦୃଢ଼ କରିବା ପାଇଁ ଷ୍ଟାଇପେଣ୍ଡ ସହ ଦେଶରେ ସର୍ବପ୍ରଥମ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଏବଂ ଇ.ଏସ୍.ଡି.ଏମ୍. କ୍ଷେତ୍ର ମଧ୍ୟରେ ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ଉନ୍ନତ କରିବା ପାଇଁ ଲଜିଷ୍ଟିକ୍ସ ସବସିଡ଼ିର ଯୋଜନା ସଂପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା ।ଏହାପରେ ଉପସ୍ଥିତ ହିତାଧିକାରୀମାନେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଆବଶ୍ୟକ କରୁଥିବା ବିଭିନ୍ନ ସୁବିଧା ସଂପର୍କରେ ଆଲୋଚନା କରିବା ସହିତ ସୁଚାରୁ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ରହୁଥିବା ବିଭିନ୍ନ ପ୍ରତିବନ୍ଧକ ଦୂର କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ରିହାତି ପ୍ରାପ୍ତି, ଉତ୍ପାଦିତ ସାମଗ୍ରୀର ଭଣ୍ଡାରଣ, ମାର୍କେଟିଂ ପାଇଁ କେନ୍ଦ୍ରୀୟ ସୁବିଧା, କୁଶଳୀ କର୍ମୀଙ୍କ ଅଭାବ, ପ୍ଲଗ୍ ଆଣ୍ଡ ପ୍ଲେ ଭିତ୍ତିରେ ସ୍ଥାନ ଯୋଗାଣ, ଉତ୍ପାଦନ କେନ୍ଦ୍ର ଭିତରେ ପରୀକ୍ଷଣ ସୁବିଧାର ଉପଲବ୍ଧତା ଏବଂ କମ୍ପୋନେଣ୍ଟ ଇତ୍ପାଦନ ଆଦି ସଂପର୍କରେ ସେମାନେ ଉଲ୍ଲେଖ କରିଥିଲେ ।ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ପଣ୍ଡା ଦେଶ ଭିତରେ ଇଲେକ୍ଟ୍ରୋନିକ ସାମଗ୍ରୀର ଉତ୍ପାଦନ ତଥା ଚାହିଦା ଏବଂ ରପ୍ତାନି ପୂର୍ବାପେକ୍ଷା ୫ ଗୁଣା ବୃଦ୍ଧି ପାଇଥିବା ସଂପର୍କରେ ସୂଚନା ଦେବା ସହ କମ୍ପୋନେଣ୍ଟ ଉତ୍ପାଦନ ପାଇଁ ରାଜ୍ୟର ଆଇ.ଟି. ନୀତିକୁ କେନ୍ଦ୍ରୀୟ ନୀତି ସହ ସମନ୍ୱିତ କରାଯାଇଛି ବୋଲି କହିଥିଲେ। ତାଙ୍କ ଶେଷ ମନ୍ତବ୍ୟରେ, ପ୍ରମୁଖ ସଚିବ ଶ୍ରୀ ଦେବ କହିଥିଲେ, 'ଆଜିର ଆଲୋଚନା ନୀତି କାର୍ଯ୍ୟାନ୍ୱୟନ ଏବଂ ଦାବି ପ୍ରକ୍ରିୟାକରଣ ସଂପର୍କୀୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଆଲୋକପାତ କରିଛି । ଏଗୁଡ଼ିକର ସମାଧାନ ନିମନ୍ତେ ପ୍ରତ୍ୟେକ ନୀତି ପାଇଁ ସମର୍ପିତ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଏହାଦ୍ୱାରା ସୁଗମ କାର୍ଯ୍ୟାନ୍ୱୟନ ଏବଂ ଦ୍ରୁତ ସମାଧାନ ସୁନିଶ୍ଚିତ ହୋଇପାରିବ । ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଥିଲେ ମଧ୍ୟ ଆଗକୁ ଆହୁରି ଦୀର୍ଘ ଯାତ୍ରା ବାକି ଅଛି। ବିଭିନ୍ନ ରାଜ୍ୟ ଦୃଢ଼ ନୀତି ପ୍ରଦାନ କରିପାରିବେ, କିନ୍ତୁ ସଫଳତାର ପ୍ରକୃତ ମାପକାଠି ହେଉଛି ପୁଞ୍ଜି ନିବେଶର ନିରନ୍ତରତା । ଆର୍ଥିକ ପରିଚାଳନାରେ ଓଡ଼ିଶାର ଶୀର୍ଷ ସ୍ଥାନ ହାସଲ ନେଇ ନୀତି ଆୟୋଗର ଘୋଷଣା ଆମର ଦୃଢ଼ ଶାସନ ଏବଂ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। ଆମେ ଏହି ଶକ୍ତିକୁ ଏକ ସମୃଦ୍ଧ ଇ.ଏସ୍.ଡି.ଏମ୍. ଇକୋସିଷ୍ଟମ ନିର୍ମାଣରେ ବିନିଯୋଗ କରିବାକୁ ସଂକଳ୍ପବଦ୍ଧ।

# ତାଇୱାନ୍ ଚାଓୟାଙ୍ଗ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ତାଇୱାନ୍‌ର ଚାଓୟାଙ୍ଗ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ସିୱାଇୟୁଟି)ରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଶନିବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୮ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ସିୱାଇୟୁଟିର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଚାଓୟାଙ୍ଗ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅତିଥିଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ତାଓ-ମିଙ୍ଗ ଚେଣ୍ଟ ସମେତ ବହୁ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ବିଦ୍ୱାନ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କପ୍ତିପଦା ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ

# ବାଲି ମାଫିଆ ଓ ଚୋରି ରୋକିବା ପାଇଁ ଏସଓପି ଆସିବ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,(ହି.ସ):** କପ୍ତିପଦା ରେ ଯେଉଁ ଘଟଣା ଘଟିଲା ତାହା ଆଦୌ ସ୍ୱାଭାବିକ ନୁହେଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସରକାରୀ ଅଧିକାରୀଙ୍କୁ ଯେଉଁଭଳି ଭାବେ ବାଲି ମାଫିଆ ଆକ୍ରମଣ କଲେ ତାହା ଗ୍ରହଣୀୟ ନୁହେଁ । ଦୋଷୀଙ୍କ ବିରୋଧରେ କଡା କାର୍ଯାନୁଷ୍ଠାନ ନେବାକୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଚ୍ଛଦପଟ୍ଟରେ ରାଜନୈତିକ ବ୍ୟକ୍ତି କି ପ୍ରଭାବଶାଳୀ ଥିଲେ ବି ଛଡା ଯିବନି। ରାଜ ଧର୍ମରେ କାହାରି ମୁହଁ ଦେଖାଯାଏ ନାହିଁ। ଓଡିଶାକୁ ବିହାର କି ବେଙ୍ଗଲ କରିବାକୁ ଦିଆଯିବ ନାହିଁ। ଓଡ଼ିଶାରେ ବଢୁଛି ଅପରାଧ ପ୍ରବଣତା । ଅପରାଧକୁ ମୂଳରୁ ନାଶ କରାଯିବ । ଅନ୍ୟପଟେ ଖୁବଶୀଘ୍ର ବାଲି ମାଫିଆ ଓ ଚୋରି ରୋକିବା ପାଇଁ ଏସଓପି ଆସିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

# ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ୍ ଏବଂ ସ୍କୁଲୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡ୍‌କୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ

**ଭୁବନେଶ୍ୱର,(ହି.ସ):** ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ ଏବଂ ସ୍କୁଲୱେ ନିର୍ମାଣ" କାର୍ଯ୍ୟର ଆର୍ଥିକ ବିଡ୍ କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଗଜପତି ଜିଲ୍ଲା ଅଧିନସ୍ଥ ଆର.ଉଦୟଗିରି ବ୍ଲକର ଛେଳିଗଡ଼ ଗ୍ରାମ ନିକଟରେ ବଂଶଧାରା ନଦୀର ବଡଜୋର ଉପନଦୀରେ ଏକ ଜଳାଶୟ ନିର୍ମାଣ କରିବା ନିମନ୍ତେ ୨୬୬ ମି. ଦୀର୍ଘ କଂକ୍ରିଟ ଡ୍ୟାମ ସହିତ ୧୨ ମି. ଘ ୬ ମି. ଆକାରର ୭ ଗୋଟି ରେଡିଆଲ ଗେଟ ନିର୍ମାଣ କରିବାର ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ ନଂ ୧୫୧,୭୮,୨୦,୪୭୬/- (ଏକ ଶହ ଏକାବନ କୋଟି ଅଠସ୍ତରି ଲକ୍ଷ କୋଡିଏ ହଜାର ଚାରିଶହ ଛଅସ୍ତରି) (ଜିଏସ୍‌ଟି) ବ୍ୟତୀତ) ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରକଳ୍ପଟିକୁ ଅଠର (୧୮) ମାସ ମଧ୍ୟରେ (ବର୍ଷା ଋତୁକାଳୀନ ସମୟକୁ ଅନ୍ତର୍ଭୁକ୍ତି କରି) ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଅଛି। ଉକ୍ତ ପ୍ରକଳ୍ପଟି ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବ । ଏତଦବ୍ୟତୀତ ବ୍ରହ୍ମପୁର ସହରର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ୩୧.୫୪ ମିଲିୟନ କ୍ୟୁବିକ ମିଟର କ୍ସ ଜଳ ଉପଲବ୍ଧ କରାଇବା ସହିତ ମାଛ ଚାଷ, ପଶୁଧନ ପାଳନ କାର୍ଯ୍ୟ ଓ ଭୂତଳ ଜଳ ପୁନଃଭରଣରେ ସହାୟକ ହେବ। ଏହି ପ୍ରକଳ୍ପଟି ୩୬ ମେଗାୱାଟ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ସହ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ମଧ୍ୟ ସହାୟକ ହେବ।

# ପ୍ରାକୃତିକ ସମ୍ପଦ ଉପରେ ଜନସାଧାରଣଙ୍କ ଅଧିକାର ସମ୍ବିଧାନର ମୌଳିକ ନୀତି : ମେଧା ପାଟେକର

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ କନଭେନସନ୍ ଆୟୋଜିତ ହୋଇଯାଇଛି। ଏହି କନଭେନସନର ପ୍ରଥମ ଅଧିବେଶନ ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ଦେଶର ବିଶିଷ୍ଟ ପରିବେଶବିତ୍, ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ପ୍ରତିଷ୍ଠାତା ସଦସ୍ୟ ମେଧା ପାଟେକର ଏହାକୁ ଉଦଘାଟନ କରିଥିଲେ। ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ର, ଲୋକଶକ୍ତି ଅଭିଯାନ ଏବଂ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ରାଜ୍ୟସ୍ତରୀୟ କନଭେନସନରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରା ଭିତ୍ତିପତ୍ର ଉପସ୍ଥାପନ ଅବସରରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ତଥା ଜୟ କିଷାନ୍ ଆନ୍ଦୋଳନର ଲିଙ୍ଗରାଜ, ବାଲନ୍ଦା ଖଣି ବିରୋଧୀ ଆନ୍ଦୋଳନର ଲକ୍ଷ୍ମୀ ସିସା, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ଅନ୍ୟତମ ନେତା ଲିଙ୍ଗରାଜ ଆଜାଦ୍ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଭିତ୍ତିପତ୍ର ଉପସ୍ଥାପନ ଅବସରରେ ପ୍ରଫୁଲ୍ଲ ସାମନ୍ତରା ନିୟମଗିରି, ବାଲନ୍ଦା, ସିଜିମାଳି, କୁଟ୍ରୁମାଳି, ଖଣ୍ଡୁଆଳମାଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖଣିଖାଦାନ ଓ ଶିଳ୍ପ ନାମରେ କିପରି ପ୍ରାକୃତିକ ସମ୍ପଦର ବ୍ୟାପକ ହରିଲୁଟ୍ ଚାଲିଛି, ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ମହାନଦୀ, ବୈତରଣୀ, ଋଷିକୂଲ୍ୟା, ଦୟା, ନାଗାବଳୀ, ବଂଶଧାରା, ବୁଢାବଳଙ୍ଗ, ବ୍ରାହ୍ମଣୀ ଆଦି ନଦୀଗୁଡ଼ିକୁ ତଥା ବିଭିନ୍ନ ପ୍ରାକୃତିକ ଜଳ ଉତ୍ସଗୁଡିକ କିପରି ସରକାରଙ୍କ କର୍ପୋରେଟ୍ ପ୍ରୀତି ତଥା ଜନ ବିରୋଧୀ ନୀତି ଯୋଗୁଁ ମୃତ ପ୍ରାୟ ହେବାକୁ ବସିଛି, ସେ ସମ୍ପର୍କରେ କନଭେନସନରେ ଯୋଗଦାନ କରିଥିବା ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ତା'ର ପ୍ରତିକାର ଦିଗରେ ସମ୍ମିଳିତ ପଦକ୍ଷେପ ନେବାକୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଅନୁସୂଚିତ ଅଞ୍ଚଳରେ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ଗ୍ରାମସଭାର ଅଧିକାରକୁ ଅସମ୍ମାନିତ କରାଯାଉଛି । ଯେଉଁ ଗ୍ରାମସଭାର ଅଧିକାରକୁ ନିୟମଗିରି ସୁରକ୍ଷା ଆନ୍ଦୋଳନରେ ମାନ୍ୟବର ସୁପ୍ରିମକୋର୍ଟ ତା'ର ଯୁଗାନ୍ତକାରୀ ରାୟରେ ସାବ୍ୟସ୍ତ କରିଥିଲେ, ତାହାକୁ ସିଜିମାଳି, ଢ଼ିଙ୍କିଆ, ଗନ୍ଧମାର୍ଦ୍ଦନ, ବାଲିଆପାଳ ଆନ୍ଦୋଳନ କ୍ଷେତ୍ରରେ ମର୍ଯ୍ୟାଦା ଦିଆଯାଉ ନାହିଁ। ଗାଁର ଜମି, ଜଙ୍ଗଲ, ଖଣି, ପାଣି ଉପରେ ଗ୍ରାମବାସୀଙ୍କ ତଥା ଗ୍ରାମସଭାର ଅଧିକାରକୁ ଯଦି ଆମେ ସମ୍ମାନ ନଦେବା, ତାହା ହେଲେ ଆମେ ଗଣତନ୍ତ୍ରକୁ ସମ୍ମାନ ଦେଉଛନ୍ତି ବୋଲି କହିପାରିବା କି ବୋଲି ସେ ପ୍ରଶ୍ନ କରିଥିଲେ। ନଦୀ ତଥା ଜଳ ଉତ୍ସଗୁଡିକୁ ମାରି ଦିଆଯାଉଛି। ନଦୀରେ ନିଷ୍କାସିତ ହେଉଥିବା ବର୍ଜ୍ୟବସ୍ତୁ ଆଜି ନଦୀକୁ ପ୍ରଦୂଷିତ କରୁଛି, ନଦୀର ପାଣି ଏବେ ବିଷାକ୍ତ ଓ ବ୍ୟବହାର ଯୋଗ୍ୟ ନୁହେଁ। ଲଘୁ ଖଣିଜ ସମ୍ପଦ ଭାବରେ ବିବେଚିତ ହେଉଥିବା ବାଲି ଖନନ ଆଜି ବାଲି ମାଫିଆମାନଙ୍କ ଦ୍ୱାରା କବଳିତ, ଯାହା ନଦୀକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛି। ଜଳ-ଜମି ଓ ଜଙ୍ଗଲରେ ଅସ୍ମିତାକୁ ଆଜି ମହାକୁମ୍ଭ ବା ଚାରିଧାମ ଯାତ୍ରା ଭିତରେ ବିଲୀନ କରିଦିଆଯାଇଛି, ଉତ୍ତରାଖଣ୍ଡ ଆଜି ଖଣ୍ଡ ବିଖଣ୍ଡିତ, ଯାହା ପରିବେଶକୁ ବିପର୍ଯ୍ୟସ୍ତ କରୁଛି ଓ ପ୍ରଦ୍ୟୁଷଣ ମାତ୍ରା ବୃଦ୍ଧି କରିଚାଲିଛି। ସେଥିପାଇଁ ଆମକୁ ଉଭୟ ସଂଘର୍ଷ ଓ ନିର୍ମାଣ ପାଇଁ ତଥା ଏକ ସମତା ମୂଳକ ସମାଜ ପ୍ରତିଷ୍ଠା ପାଇଁ ସମ୍ମିଳିତ ଲଢେଇ କରିବାକୁ ସେ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଦୟା ସୁରକ୍ଷା ଅଭିଯାନର ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ବଞ୍ଚାଅ ଆନ୍ଦୋଳନର ଅଶୋକ ଥାକରେ, ଚିଲିକା ବଞ୍ଚାଅ ଆନ୍ଦୋଳନର ମୀନା କୁମାରୀ ଟହଲ ଓ ଦୀନବନ୍ଧୁ ଅଧିକାରୀ, ମହାନଦୀ ବଞ୍ଚାଅ ଅଭିଯାନର ସଂଯୋଜକ ବିଜୟ ପ୍ରଧାନ, ପୁରୀ ବିମାନ ବନ୍ଦର ବିରୋଧୀ ଆନ୍ଦୋଳନର ସୁରେନ୍ଦ୍ର ତପସ୍ୱୁ, ସମାକୋଇ ଚକଧର ପ୍ରକଳ୍ପ ବିରୋଧୀ ମଞ୍ଚର ନାରାୟଣ ପ୍ରଧାନ, ଆଇନଜୀବୀ ଶଙ୍କର ପାଣି, ଅଧ୍ୟାପକ ସୁଧୀର ଜେନା, ବୁଢାବଳଙ୍ଗ ନଦୀ ସୁରକ୍ଷା ଅଭିଯାନର ମନୋଜ ନାୟକ, ଋଷିକୂଲ୍ୟା ବଞ୍ଚାଅ ଆନ୍ଦୋଳନର ମାଗତା ବେହେରା, ଅଧ୍ୟାପକ ଖଦାଳ ସାହୁ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ମାଳି ପର୍ବତ ସୁରକ୍ଷା ଆନ୍ଦୋଳନର ଦାସି ନନ୍ଦୀବାଲି, ନୟାଗଡ଼ର ପରିବେଶବିତ୍ ହରିସ୍ୱାମୀ ମହାରାଜ ଏବଂ ସୁବର୍ଣ୍ଣରେଖା ସୁରକ୍ଷା ଆନ୍ଦୋଳନର ଅରୁଣ ଜେନା ପ୍ରମୁଖ ନଦୀମାନଙ୍କର ସ୍ଥିତି, ସମସ୍ୟା ଓ ତା'ର ପ୍ରତିକାର ଦିଗରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ଶେଷରେ ସମସ୍ତ ମତାମତକୁ ଆଗାମୀ କାର୍ଯ୍ୟକ୍ରମ ନିମନ୍ତେ ପ୍ରଫୁଲ୍ଲ ସାମନ୍ତରାଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ଗୁଡିକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା।

# ପିଏମ ଆବାସ ଯୋଜନାରେ ନିଶୁଳ୍କରେ ମିଳିବ ଦୁଇ ଟ୍ରାକ୍ଟର ବାଲି

**ଭୁବନେଶ୍ୱର,(ହି.ସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରୁଥିଲେ ନିଶୁଳ୍କରେ ମିଳିବ ଦୁଇ ଟ୍ରାକ୍ଟର ବାଲି । ସହଜରେ ସରଳ ଭାବରେ ଶସ୍ତାରେ କେମିତି ଲୋକେ ଘର ତିଆରି ପାଇଁ ବାଲି ପାଇବେ ସେଥିପାଇଁ ସରକାର ଯୋଜନା କରୁଛନ୍ତି। ଏନେଇ ପରମିଟ୍ ପ୍ରଦାନ କରାଯିବ । ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି । ହାଇୱା ବଦଳରେ ବାଲି ଉଠାଣ ପାଇଁ ଅନ୍ୟ ଗାଡି ବ୍ୟବହାର ହେବ । ହାଇୱାରେ ୪୦ ଟନ ଯାଉଥିବାରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ତିଆରି ରାସ୍ତା କ୍ଷତିଗ୍ରସ୍ତ ହେଉଛି । ବାଲି ଉଠାଣରେ କେଉଁ ଗାଡି ବ୍ୟବହାର ହେବ ଓ କେତେ ବାଲି ଉଠାଇ ପାରିବେ ଏଥିପାଇଁ ଏସଓପି ପ୍ରସ୍ତୁତ ହେଉଛି । ଖୁବ୍ ଶୀଘ୍ର ଏସଓପି ଆସିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

— ସଂପାଦକୀୟ —

# ପ୍ରଧାନ ବିଚାରପତିଙ୍କ ଆହ୍ୱାନ ସମୟୋଚିତ

ଅବସର ଗ୍ରହଣ ପରେ ବିଚାରପତିମାନେ କୌଣସି ସରକାରୀ ପଦବୀ କିମ୍ବା ଭୂମିକା ଗ୍ରହଣ ନକରିବାକୁ ସୁପ୍ରିମକୋର୍ଟର ପ୍ରଧାନବିଚାରପତି କରିଥିବା ଆହ୍ୱାନ ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଏବଂ ସମୟୋପଯୋଗୀ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ନିକଟ ଅତୀତରେ କେତେକ ଘଟଣାବଳୀ ବିଚାର ବିଭାଗରେ ବିଶ୍ୱାସନୀୟତା ଓ ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠାଇଥିବାବେଳେ ବିଚାରପତିଙ୍କ କାର୍ଯ୍ୟକଳାପ ନେଇ ଜନସାଧାରଣ ଆସ୍ଥା ଓ ବିଶ୍ୱାସ ହରାଉଥିବା ଚର୍ଚ୍ଚା ହୁଏ। ଅବସର ଗ୍ରହଣ ପରେ କେତେକ ବିଚାରପତି ସରକାରୀ ପଦବୀ ତଥା ରାଜ୍ୟପାଳ, କମିଶନର ଅଧ୍ୟକ୍ଷ ପଦବୀ ଗ୍ରହଣ କରିଥିବାବେଳେ କେତେକ ନିର୍ବାଚନ ମଧ୍ୟ ଲଢିବା ଦେଖାଯାଏ। ଏପରିକି କେତେକ ବିଚାରପତି ନିଜ ପଦବୀରୁ ଇସ୍ତଫା ଦେଇ ନିର୍ବାଚନ ଲଢିଥିବା ବହୁ ନଜୀର ରହିଛି। ଯାହାକି ଅହେତୁକ ଅନୁକମ୍ପାର ଏକ ଅନୈତିକ ଉପଲବ୍ଧି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସାମ୍ବିଧାନିକ ଅଦାଲତ ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିମାନେ ଅବସର ଗ୍ରହଣ ପରେ ସରକାରୀ ପଦପଦବୀ ଗ୍ରହଣ ନେଇ ସମ୍ବିଧାନ କିମ୍ବା ଆଇନରେ କୌଣସି ପ୍ରତିବନ୍ଧକ ନାହିଁ। ଅବସର ଗ୍ରହଣ ପରେ ସରକାର କିମ୍ବା ଶାସକ ଦଳ ଦ୍ୱାରା କୌଣସି ପଦବୀ ବିଚାରପତି ଗ୍ରହଣ କରନ୍ତି, ତେବେ ତାହା ଅନୈତିକତାର ଅହେତୁକ ଅନୁଗ୍ରହ ଉପଲବ୍ଧ ବୋଲି କହିଲେ ଅତିରଂଜିତ ହୋଇନପାରେ। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟର ଜଣେ ପ୍ରଧାନ ବିଚାରପତି ଅବସର ଗ୍ରହଣ କରିବା ପରେ ମନୋନୀତ ରାଜ୍ୟସଭା ସଦସ୍ୟ ପଦବୀ ଗ୍ରହଣ କରିବା ନେଇ ସେତେବେଳେ କେବଳ ସମାଲୋଚନାର ଶରବ୍ୟ ହୋଇ ନଥିଲେ, ତାଙ୍କର ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ସେହିପରି ନିକଟରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ଆଉଟ୍ ହାଉସରୁ କୋଟି କୋଟି ଟଙ୍କାର ଅଧାପୋଡା ନୋଟ ବିଡା ଉଦ୍ଧାର କରାଯିବା ଘଟଣା ନ୍ୟାୟପାଳିକାର ନିରପେକ୍ଷତା, ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ନିକଟରେ ବ୍ରିଟେନ ସୁପ୍ରିମକୋର୍ଟର ଏକ ଉଚ୍ଚସ୍ତରୀୟ ଗୋଲଟେବୁଲ ବୈଠକରେ ବିଚାରବିଭାଗର ସ୍ୱାଧୀନତା ଉପରେ ଉଦବୋଧନ ଦେଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଅବସର ପରେ ବିଚାରପତିମାନେ ସରକାରୀ ପଦବୀ ଗ୍ରହଣ କରିବା କିମ୍ବା ନିର୍ବାଚନ ଲଢିବା ବିରୁଦ୍ଧରେ କଡା ମତ ପୋଷଣ କରିଛନ୍ତି। ଏଭଳି ପରମ୍ପରା ବା ଘଟଣା କେବଳ ଗୁରୁତ୍ୱପୂର୍ଣ୍ଣ ନୈତିକତା ପ୍ରଶ୍ନ ଉଠାଇବ ନାହିଁ, ବିଚାର ବିଭାଗର ସ୍ୱାଧୀନତା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ଅବକ୍ଷୟ କରିବ ବୋଲି ଚେତାଇ ଦେଇଛନ୍ତି। ଜଣେ ବିଚାରପତି କୌଣସି ଦଳର ଟିକେଟରେ ନିର୍ବାଚନ ଲଢିଲେ, ଏହା ବିଚାର ବିଭାଗର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସନ୍ଦେହର କାରଣ ହୋଇପାରେ ବୋଲି ସେ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତିଙ୍କ ଏହି ପରାମର୍ଶ ଅତ୍ୟନ୍ତ ଯଥାର୍ଥ ଏବଂ ସମୟୋଚିତ । କହିବା ବାହୁଲ୍ୟ ଯେ, ଅବସର ପରେ କେତେକ ବିଚାରପତି ସରକାରୀ ପଦପଦବୀ ଗ୍ରହଣ କରିବା ବିଚାର ବିଭାଗର ସାଧୁତା, ନିରପେକ୍ଷତା ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସର ଭିତିଭୂମିକୁ ଦୁର୍ବଳ କରିଦେବ। ଏଭଳି ଘଟଣା ବିଚାରପତିମାନେ ସରକାରୀ କଳର ଚାପରେ ବା ପରାମର୍ଶରେ ରାୟ ଦେଇଥିବା ଆଶଙ୍କାକୁ ଉଜ୍ଜିବତ କରିବ, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖ ଏହା ନିସନ୍ଦେହ ଯେ, ପ୍ରଧାନ ବିଚାରପତି ଗଭାରଙ୍କ ଆହ୍ୱାନ ନ୍ୟାୟାଳୟର ସାଧୁତା, ନିରପେକ୍ଷତାକୁ ଉଜ୍ଜିବତ କରିବା ଲାଗି ଏକ ଅତ୍ୟାବଶ୍ୟକୀୟ ଔଷଧର ଡୋଜ ସଦୃଶ ହୋଇଛି। ସୌଭାଗ୍ୟର କଥା ପ୍ରଧାନ ବିଚାରପତି ଏବଂ ତାଙ୍କର ସହଯୋଗୀ ତଥା ସୁପ୍ରିମକୋର୍ଟର ବିଚାରପତିମାନେ ଅବସର ଗ୍ରହଣ ପରେ ସରକାରୀ ପଦବୀ ଗ୍ରହଣ ନକରିବା ଏବଂ ନିର୍ବାଚନ ନଲଢିବା ପାଇଁ ସଂକଳ୍ପ ନେଇଛନ୍ତି। ଯାହା କେବଳ ବିଚାର ବିଭାଗର ମର୍ଯ୍ୟଦା ଓ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବ ନାହିଁ, ସର୍ବୋଚ୍ଚ ଅଦାଲତର ବିଚାରପତିମାନେ ସରକାରୀ ଚାପରେ କୌଣସି ରାୟ ଦେବେ ନାହିଁ। ଏହି ସନ୍ଦେଶ ଦେଇଛି। ନ୍ୟାୟପାଳିକା ହେଉଛି ଏକମାତ୍ର ସ୍ତମ୍ଭ ଯାହା ଉପରେ ସମ୍ବିଧାନର ସୁରକ୍ଷା ଏବଂ ସରକାରୀ କଳର ଅନ୍ୟାୟ ଦୁର୍ନୀତିକୁ ନିୟନ୍ତ୍ରଣ କରିବାରେ ଅପାର କ୍ଷମତା ରହିଛି। ଏହା ସତ୍ୟ ଯେ, ବିଚାର ବିଭାଗ ବା ନ୍ୟାୟପଳିକାର ମର୍ଯ୍ୟାଦା ଓ ନିରପେକ୍ଷତାର ସୁରକ୍ଷା ପାଇଁ କେବଳ ବିଚାରପତି ନୁହଁନ୍ତି। ରାଜନୈତିକ ଦଳମାନେ ଅଙ୍ଗୀକାରବଦ୍ଧ ହେବା ଜରୁରୀ। ଏଥିଲାଗି ପାର୍ଲିଆମେଂଟରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଆବଶ୍ୟକ।

**ସୌଭାଗ୍ୟ ରଂଜନ ମହାନ୍ତି,**
**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ, ଭୁବନେଶ୍ୱର**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ


ହିମାଂଶୁ ଶେଖର ଆଚାର୍ଯ୍ୟ

ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ନିକଟ ଅତୀତରେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ତିନିବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱସଂ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ଫଳସ୍ୱରୂପ, ବିଶ୍ୱ ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ। ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ। ଘରେ ଗରମ ତ -ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା । ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି ? ବିଶ୍ୱ ପରିବେଶ ଏଭଳି ସଙ୍କଟ ଜନକ ପରିସ୍ଥିତିରେ ଗତି କରୁଥିବା ବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ତଦନୁଯାୟୀ ଏହାର ଦୁଇ ବର୍ଷପରେ ୧୯୭୪ ମସିହା ଠାରୁ ଜୁନ୍ ୫ ତାରିଖକୁ ବିଶ୍ୱପରିବେଶ ଦିବସ ରୂପେ ପାଳନ କାରାଯାଉଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବିଷୟ ବସ୍ତୁ ରହିଛି- ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ ବିଶ୍ୱ। ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଇତି ମଧ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ହେବା ୪୬ ବର୍ଷରେ ପହଞ୍ଚିଲାଣି । ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି । ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ। ଆମ ଦେଶରେ ୧୯୫୦ ମସିହାରେ ଭାରତ ସରକାର ବନମହୋତ୍ସବର ଆୟୋଜନ କରିଥିଲେ । ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି ଜାତୀୟ ବନୀକରଣ ଓ ପରିବେଶ ବିକାଶ ପରିଷଦ । ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟୀ ନୂଆଦିଲ୍ଲୀର ବାୟୁମଣ୍ଡଳ ପୃଥିବୀରେ ସବୁଠାରୁ ଅଧିକ ପ୍ରଦୂଷିତ । ସେହି ରିପୋର୍ଟରୁ ଆହୁରି ଜଣାପଡିଛି ଯେ ଭାରତର ଛୋଟଛୋଟ ସହର ଗୁଡିକରେ ବି ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ଥିତିରେ ପହଞ୍ଚିଲାଣି ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ତେଣେ କାଳବୈଶାଖୀର କରାଳ ରୂପ ଧ୍ୱଂସଲୀଳା ସୃଷ୍ଟି କରୁଛି। କେବଳ ଆମ ରାଜ୍ୟରେ କାଳବୈଶାଖୀରେ ଗତ ଏପ୍ରିଲରୁ ମେ ୨୪ ମଧ୍ୟରେ ୬୧ ଜଣଙ୍କ ମୃତ୍ୟୁ ହୋଇଛି। ଏବେ ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଆମରାଜ୍ୟରେ ଅସମ୍ଭାଳ ହୋଇଛି ଗ୍ରୀଷ୍ମ ପ୍ରବାହ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର ଆକାଶରୁ ନିଆଁ ହୁଳା ପଡୁଥିବା ବେଳେ ଉପକୂଳରେ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏଥର ୧୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଟପିଥିବା ବେଳେ ଟିଟିଲାଗଡ ୪୨ଡିଗ୍ରୀ ସେଲସିୟସ୍ ସହ ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଯାହାକି ଚଳିତ ଗ୍ରୀଷ୍ମରେ ରାଜ୍ୟରେ ସର୍ବାଧିକ ତାତି। ସବୁଠୁ ଦୟନୀୟ ଅବସ୍ଥା ପଶୁପକ୍ଷୀଙ୍କର,ଅବସ୍ଥା ନକହିଲେ ଭଲ। ଏକ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ପ୍ରାୟ ୫ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇପାରେ। ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀର ଏକ ଚତୁର୍ଥାଂଶ ଜନସଂଖ୍ୟା ଉପରେ ପଡିବାର ସମ୍ଭାବନା ରହିଛି।

ପ୍ଲାଷ୍ଟିକ୍ ପ୍ରଦୂଷଣ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଏହି ଆହ୍ୱାନର ସାମ୍ନା କରିବାକୁ ହେବ ବ୍ୟକ୍ତିଗତ ଭାବେ ଓ ସମଷ୍ଟିଗତ ଭାବେ । ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସଂପୂର୍ଣ୍ଣ ସଫଳ ହେବା ଅସମ୍ଭବ । ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଚାବିକାଠି । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ବୃକ୍ଷଟିଏ ଲଗାଇ ତାକୁ ବଞ୍ଚାଇ ରଖି ପାରିଲେ ଏହା ହେବ ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କରିବାର ସହଜତମ ଉପାୟ ।

***ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର***

# ରାଜରାସ୍ତାରେ ଅସହାୟ ଗୋ-ସମ୍ପଦ: ସୁରକ୍ଷା ଜରୁରୀ !

**ପ୍ରଦୋଷ କୁମାର ଦାସ**

ଗାଈ ଆମର ଗୃହପାଳିତ ପ୍ରାଣୀ। ଯାହାର ଗୋରସ ଆମ ସମସ୍ତଙ୍କ ପାଇଁ ଅମୃତ ସମାନୟ ହିନ୍ଦୁ ଧର୍ମ ଶାସ୍ତ୍ରାନୁସାରେ ଓ ସନାତନୀଙ୍କ ପାଇଁ ମାତୃସମା ଏହି ଗୋସମ୍ପଦ ଆମର ଗୋମାତା ରୂପେ ପୂଜିତାୟ ତେବେ ମୁକ ସମାନ ପ୍ରତିବାଦ ଶୂନ୍ୟ ଏହି ନିରୀହ ପ୍ରାଣୀ ଟିର ଭୂମିକା କୃଷି କାର୍ଯ୍ୟ ପାଇଁ ଅନସ୍ୱୀକାର୍ଯ୍ୟୟ ଯାହାର ମଳମୁତ୍ର ପବିତ୍ରମୟ। ଯାହାର ବ୍ୟବହାର ଫସଲ ଉପୁଜାଇାରେ ମାଟିକୁ ଉର୍ବରା କରିବାର କାରଣ ହୋଇଥାଏ। ସ୍ୱାର୍ଥନ୍ୱେଷୀ ମଣିଷର ଅବିବେକିତା ପାଇଁ ଗୋମାତା ଏବେ ସବୁଠାରେ ଗୃହ ତେଜ୍ୟ। ଏହି ଅସହାୟ ପ୍ରାଣୀ ପ୍ରାୟ ସବୁ ଅଞ୍ଚଳରେ କ୍ଷୁଧା ଜର୍ଜରିତ ଏକ ପ୍ରକାର ଦୁର୍ବିସହ ଜୀବନ ବିତାଉଥିବା ବେଳେ କାହାର ଏଥିପାଇଁ ଗଠନ ମୂଳକ ସମାଧାନ ପାଇଁ ତିଳେ ମାତ୍ର ଚିନ୍ତା ଓ ସଚେତନତା ନାହିଁ କହିଲେ ଚଳେ। ପରିସ୍ଥିତି ଆଗକୁ ନସୁଧୁରିଲେ ହୁଏତ ଏହି ନିରୀହ ପ୍ରାଣୀଟି ଯେ ଦିନେ ଆମ ସମସ୍ତଙ୍କର ଏକ ଗୃହପାଳିତ ପ୍ରାଣୀ ଥିଲା ବୋଲି ପୁସ୍ତକରୁ ଜ୍ଞାତ ହେବାକୁ ପଡିବ। ଦୁଃଖ ଲାଗୁଛି, ଗୋଓଶ ରକ୍ଷା ଓ ସେମାନଙ୍କ ସୁରକ୍ଷା ପାଇଁ ଅନେକ ଗୋସୁରକ୍ଷା କମିଟି ଓ ଭଳିକି ଭଳି ଗୋସେବା ପରିଷଦ ତୁମ୍ଭିତୋଫାନ କରିବାରେ ଲାଗିଛନ୍ତି। ଗୋସୁରକ୍ଷା ପାଇଁ ନିଜର କର୍ତ୍ତୋଧତାକୁ ପ୍ରମାଣିତ କରିବାକୁ ବୃଥା ଆସ୍ଫାଳନ କରି ନିଜକୁ ଅଗ୍ରଣୀ ହିନ୍ଦୁ ଓ ସନାତନୀ ବୋଲି କହିବାକୁ ଦାବି ମଧ୍ୟ ରଖୁଛନ୍ତି। ଗୋ ଅଭୟାରଣ୍ୟ ସ୍ଥାପନ ଯୋଜନାରେ ପଞ୍ଚାୟତ ଓ ବିଭିନ୍ନ ବ୍ଲକରେ ସରକାରଙ୍କ ତହବିଲରୁ କୋଟି କୋଟି ଅର୍ଥ ବ୍ୟୟବରାଦ ହୋଇ ବିନିଯୋଗ ମଧ୍ୟ ହେଉଛିୟ ହେଲେ ଆଜି ଗୋମାତାଙ୍କୁ ଆଶ୍ରୟ ମିଳୁନାହିଁ। ଅନେକ କ୍ଷେତ୍ରରେ ସବୁ କାଗଜ କଲମରେ ଚାଲିଥିବା ଅଭିଯୋଗ ହେଉଛି। ବୁଲା ଜନ୍ତୁ ବୋଲି ବେପରୁଆ ମନୋଭାବ ଯୋଗୁଁ ଗୋ ଅଭୟାରଣ୍ୟ ଖାଲି ପଡ଼ିଥିବା ବେଳେ ଗାଇଗୋରୁଙ୍କ ଭିଡ଼ ରାଜ ରାସ୍ତାରେ ଦେଖିବାକୁ ମିଳୁଛି।

ଦିନ ଥିଲା ପ୍ରାୟ ପରିବାରରେ ଗାଇଗୋରୁଙ୍କ ପାଳନ ହେଉଥିଲା। ପ୍ରତି ପରିବାରରେ ଦାଣ୍ଡ ଖରାରେ ଗାଈ ଗୁହାଳ ରହିଥିଲା। ଗାଈଗୋରୁଙ୍କ ନିୟମିତ ଚରଣ ପାଇଁ ଗାଁ ଜଗାଳିଙ୍କୁ ବାର୍ଷିକ ର୍ତ୍ତନ ଓ ଦରମା ଦେଇ ନିଯୁକ୍ତ କରାଯାଉଥିଲାୟ ଗୋ ସମ୍ପଦ ପ୍ରତିଟି ହିନ୍ଦୁ ପରିବାରଙ୍କ ପାଇଁ ଆଭିଜାତ୍ୟର ପ୍ରତୀକ ଭାବେ ବିବେଚନା ହେଉଥିଲା। ଅକସ୍ମାତ ଯେଉଁ ସଓଧାରେ ଗୃହପାଳିତ ଗାଈଗୋରୁଟିଏ ଗୁହାଳକୁ ଫେରୁନଥିଲେ, ସେହି ରାତିରେ ଗୃହ ସୁରଭୀ ଉପବାସ ରହି ନିଜର ଗୃହପାଳିତ ପ୍ରାଣୀ ଟିର ଖୋଜାଲୋଡାରେ ଅଥୟ ହେଉଥିଲା। ହାୟ, ବାସ୍ତୁବାଦୀ ମଣିଷ ଏହି ଗୃହପାଳିତ ପ୍ରାଣୀଟି ପାଇଁ ଉଦ୍ଦିଷ୍ଟ ଗୁହାଳକୁ ରଖିବା ଓ ସେମାନଙ୍କ ପ୍ରତି ଯତ୍ନଶୀଳ ହେବାପାଇଁ ଅଯଥା କର୍ମ ଚାପ ବୋଲି ଚିନ୍ତା କରି ଏବେ ତାର ଗୁହାଳ ଘର ଗୁଡିକୁ ଭାଙ୍ଗି ସାରିଲେଣି। କ୍ଷୀର ଦୁହା ଛାଡ଼ିବାପରେ ଗାଈଙ୍କୁ ଘରୁ ବାହାର କରିଦେବା ପରେ ସେମାନେ ଏବେ ପଲ ପଲ ହୋଇ ରାଜ ରାସ୍ତା ରେ ଦିନ କାଟୁଥିବା ପ୍ରକାଶ। ଫଳରେ ବାସ୍ତୁ ହୀନ ଗାଈଗୋରୁ ଗୃହ ତେଜ୍ୟ ହୋଇ କ୍ଷୁଧା ଜର୍ଜରିତ ଏଠି ସେଠି ମୁହଁ ମାରି ବେତ୍ରାଘାତ ଓ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ମୁଖରେ ପଡୁଥିବାବେଳେ ଅନେକ ଦୁର୍ଘଟଣାଗ୍ରସ୍ତ ଶରୀର ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଫସଲ କ୍ଷେତରେ ଏହି ଗୋମାତା କ୍ଷୁଧା ନିବାରଣ ପାଇଁ ପଶି ବ୍ୟାପକ ଫସଲ ହାନିର କାରଣ ହୋଇ ମଣିଷର ମାଡଗାଳି ଖାଇ ଅଯଥା ଉତ୍ତେଜନା ର କାରଣ ହେଉଛନ୍ତି। ପ୍ରତି ପଞ୍ଚାୟତରେ ରହିଥିବା ଛୋଟ ଜଙ୍ଗଲ ଓ ଗୋଚର ଜମିକୁ ଅନେକ ମୁଷ୍ଟିମେୟ ଜବର ଦଖଲ କରିଥିବାରୁ ଏହି ତୃଣଭୋଜୀ ପ୍ରାଣୀଟିର ଚରଣ ଏବେ ଘୋର ସଂକଟରେ ପଡିଛି। କେତେକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ରାତି ଅନ୍ଧକାରରେ ବିଧର୍ମୀ ମାନେ ରାସ୍ତା ଘାଟରେ ବୁଲୁଥିବା ଏହି ଗାଈଗୋରୁଙ୍କୁ ଅପହରଣ କରି କଓସେଇଖାନାକୁ ବିକ୍ରୟ କରି ମୁନାଫା ହାସଲ କରିବାକୁ ମଧ୍ୟ ପଛାଉନାହାନ୍ତି। ସେହିପରି କିଛି ଲୋକ ନିଜ ଅଞ୍ଚଳରେ ଫସଲ ନଷ୍ଟ କରୁଥିବା ଏହି ପରି ବୁଲା ଗାଈଗୋରୁଙ୍କୁ ଧରି ଅନ୍ୟ ଅଞ୍ଚଳକୁ ଚୋରାଲୁଚାରେ ସୀମା ପାର କରାଇ ଓଡାଇ ନେଉଥିବା ଅଭିଯୋଗରୁ ପ୍ରକାଶ। ଆଗରୁ ପର ବିଲରେ ପଶି ଫସଲ ନଷ୍ଟ କରୁଥିବା ଗାଈଗୋରୁଙ୍କୁ ଧରି ଲୋକେ କିଆ ହୁଦାରେ ଦେଇ ଆର୍ଥିକ ଦଣ୍ଡରେ ଗାଈମାଲିକଙ୍କୁ ଦଣ୍ଡିତ କରାଇ ଚେତାବନୀ ଦେଉଥିଲେ। ହେଲେ ଏବେ ଚାଲାକ ଗାଈ ମାଲିକ କାଲିଆ ହୁଦାରୁ ନିଜ ଗୃହ ପାଳିତ ଗୋରୁଗାଈଙ୍କ ଦାୟିତ୍ୱ ବହନ କରିବାକୁ ପଡ଼ିବ ବୋଲି ଆପଣା ମାଲିକାନା ଜାହିର କରୁନାହାନ୍ତି। କିଆହୁଦାରେ ଅଟକ ଗାଈଗୋରୁଙ୍କ ହେପାଜତ ନେବା କାଠିକର ପାଠ ବୋଲି ପୁଣି ସେମାନଙ୍କୁ ରାଜ ରାସ୍ତାରେ ଛାଡି ଦିଆଯାଇଥାଏ। ବଜାର ଘାଟରେ ମାଳମାଳ ଗାଈଗୋରୁଙ୍କ ଭିଡ଼ ଓ ଖାଦ୍ୟ କଣା ଉଦରସ୍ଥ ପାଇଁ ବ୍ୟାକୁଳତା ପାଇଁ ପରସ୍ପର ମଧ୍ୟରେ ହେଉଥିବା ଟଣା ଓଟରା ଓ ସିଂଘ ଲଢେଇ ରାସ୍ତାରେ ଯାଉଥିବା ଜନସାଧାରଣଙ୍କ ପାଇଁ ଅଯଥା ଦୁର୍ଘଟଣାର କାରଣ ହେଉଛି।

ପ୍ରକାଶ ଥାଉକି, ବିଭିନ୍ନ ଏକ୍ସପ୍ରେସ ରୋଡ଼, ଜାତୀୟ ରାଜପଥ ସମେତ, ଓଭରବ୍ରିଜ ତଳ, ବିଭିନ୍ନ ଅଞ୍ଚଳରେ ଅବସ୍ଥିତ ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱ ସମେତ ସଂଲଗ୍ନ ପଥ ସର୍ବ ସାଧାରଣ ଯାତାୟାତ ରାସ୍ତା ତଥା ଗାଁ ଗହଳି ସାଧାରଣ ଯାତାୟାତ ରାସ୍ତାରେ ପଲପଲ ଗାଈଗୋରୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ବିଭିନ୍ନ ସର୍ବ ସାଧାରଣ ରାଜରାସ୍ତା ଦିନକୁ ଦିନ ଦୁର୍ଘଟଣା ପ୍ରବଣ ହେଉଛି। କେବଳ ସେତିକି ନୁହେଁ, ଗୃହ ପାଳିତ ଗାଈଗୋରୁଙ୍କ ଲାଳନ ପାଳନ ପାଇଁ ଗୋପାଳଙ୍କ ଦାୟିତ୍ୱହୀନତା ଯୋଗୁଁ ଗୃହ ତେଜ୍ୟ ଏହି ଅସହାୟ ପଶୁଯନ୍ତୁମାନେ ଦିନବେଳା ବଜାର ଅଞ୍ଚଳରେ ଘୁରି ବୁଲୁଥିବା ବେଳେ ଅନେକ ସମୟରେ ନିଜ ନିଜ ମଧ୍ୟରେ ସିଂଘ ଲଢି ପାଖରେ ଯାଉଥିବା ଜନଗହଳି ଉପରକୁ ଦୌୟଡି ଯାଇ ଅକାରଣେ ଦୁର୍ଘଟଣାର କାରଣ ହେଉଥିବା ପ୍ରକାଶ। ସେହିପରି ସଓଧା ହୋଇଗଲେ ଓଭରବ୍ରିଜ ତଳ ତଥା ଏହାର ଉଭୟ ପାର୍ଶ୍ୱରେ ରହିଥିବା ପାର୍ଶ୍ୱ ପଥରେ ବହୁ ସଓଖ୍ୟାରେ ଗାଈଗୋରୁ ପଲଙ୍କ ଭିଡ଼ ଦେଖିବାକୁ ମିଳେ। ପରିସ୍ଥିତି ଏପରି ହେଉଛି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନଥିବା ଏସବୁ ଅଞ୍ଚଳରେ ଅଜଣା ଅଶୁଣା ଲୋକେ, ଯାନବାହନ ଆରୋହୀ ରାତି ଅନ୍ଧକାରରେ ହଠ୍ ଠଉରାଇ ନପାରି ଏମାନଙ୍କ ସହ ଧକ୍କା ଖାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ସ୍ଥାନ କାଳ ପାତ୍ର ଅନୁସାରେ ଅକାରଣେ ଏହି ପରି ଦୁର୍ଘଟଣାରେ ଯାନବାହାନ ଆରୋହୀ ଓ ସହଯାତ୍ରୀ ଲହୁଲୁହାଣ ହୋଇ ଜୀବନ ମରଣ ସମସ୍ୟା ଭୋଗ କରୁଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଉଛି। ଏତଦବ୍ୟତୀତ ୧୬ ନଂ ଜାତୀୟ ରାଜପଥ ରାସ୍ତା ମଝିରେ ଓ ରାସ୍ତା ମେଡିଆନରେ ଶୋଇ ରହୁଥିବା ବୁଲା ଗାଈଗୋରୁ ଓ ହଠାତ ରାସ୍ତା ମଝିକୁ ଦୌୟଡି ପଳାଇ ଆସୁଥିବା ଗାଈଗୋରୁଙ୍କ ସକାଶେ ଏ ଅଞ୍ଚଳରେ ନିତି ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ମୃତ ଗାଈଗୋରୁଙ୍କ ଶବ ଦିନ ଦିନ ଧରି ୧୬ ନଂ ଜାତୀୟ ରାଜପଥ ଉପରେ ପଡ଼ି ରହୁଥିବାରୁ ଏହା ପରବର୍ତ୍ତୀ ସିରିଜ ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ସ୍ଥାନୀୟ ପୋଲିସର ଉଦାସୀନତା ତଥା ଏଚଏଆଇ ପାଟ୍ରୋଲିଓ ଟିମ୍‌ର ଦାୟିତ୍ୱହୀନତା ଯୋଗୁଁ ମଲା ଗାଈଗୋରୁଙ୍କ ଶବ ରାସ୍ତା ଉପରେ ଦିନ ଦିନ ଧରି ପଡି ପଡି ବର୍ଷାଖରାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। କ୍ଷୀର ଦୁହା ଛାଡ଼ିବାପରେ ନିଜର ଗୃହ ପାଳିତ ଏହି ପ୍ରାଣୀଙ୍କ ଆବଶ୍ୟକ ହେପାଜତ ନନେଇ ସେମାନଙ୍କୁ ଗୃହ ତେଜ୍ୟ କରିଦେଉଥିବା ପ୍ରକାଶ। ଏଣୁ ଏହି ସୁବିଧାବାଦୀ ଗୋପାଳଙ୍କୁ ଠାବ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ନିବେଦନ ହେଉଛି। ୧୬ ନଂ ଜାତୀୟ ରାଜପଥ ଉପରେ ଯେପରି ଏହି ଗୃହପାଳିତ ନିରୀହ ପଶୁ ଯନ୍ତୁମାନେ ଭିଡ଼ ନଜମାନ୍ତି, ସେଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବା ସହ, ପରବର୍ତ୍ତୀ ପଦକ୍ଷେପ ନେବାକୁ ଉଭୟ ସ୍ଥାନୀୟ ପ୍ରଶାସନ ତଥା ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ନଚେତ ଏହା ନିତିଦିନିଆ ଦୁର୍ଘଟଣାର କାରଣ ହୋଇ ଅଯଥାରେ ଉଭୟ ନିରୀହ ଗୋମାତା ଓ ସାଧାରଣ ଲୋକଙ୍କ ମୃତ୍ୟୁର କାରଣ ନହେଉ। ପ୍ରକାରାନ୍ତରେ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ଅଞ୍ଚଳ ବାସୀଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ଓ ସଚେତନତା ସୃଷ୍ଟି ହେବା ଆବଶ୍ୟକୟ ନହେଲେ ଏହି ସମସ୍ୟା ପାଇଁ ପରେ କାହାର ଅକାରଣେ କାହାର ମୁଣ୍ଡ ପରେ ମୁଣ୍ଡ ଗଡିବାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଶେଷରେ ଏତିକି କୁହାଯାଇପାରେ, ଗୃହ ପାଳିତ ଗାଈଗୋରୁଙ୍କ ଚରଣ ଓ ଲାଳନ ପାଳନର ବ୍ୟବସ୍ଥା ପାଇଁ ଯୋଜନା ଭିତ୍ତିକ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ସରକାରୀ ଓ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଏକ ଗଠନମୂଳକ ପନ୍ଥା ଆପଣେଇବାକୁ ଆନ୍ତରିକତା ନିହାତି ଲୋଡ଼ା। ପ୍ରତି ପଞ୍ଚାୟତରେ ଏଥିପାଇଁ ପ୍ରାଣୀ ସମ୍ପଦ ଚିକିତ୍ସା ସେବାକୁ ଯୋଗ୍ୟ ଡାକ୍ତର କର୍ମଚାରୀ ମାନଙ୍କ ଦ୍ୱାରା ପରିଚାଳନା, ପ୍ରତି ଅଞ୍ଚଳରେ ରହିଥିବା ଗୋଚର ଜମିର ପୁନରୁଦ୍ଧାର ସହ ଏଥିରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପାରସ୍ପରିକ ବୁଝାମଣାରେ ଗୃହ ପାଳିତ ପଶୁଯନ୍ତୁମାନଙ୍କ ଚରଣ ଭିତ୍ତିକ ଘାସ ଓ ତୃଣାଦିର ବିକାଶ ଯୋଜନା ହାତକୁ ନୋ, ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଗୋ ଅଭୟାରଣ୍ୟର ସୁପରିଚାଳନା ପାଇଁ ବିଭାଗୀୟ ସ୍ତରରେ ପଦକ୍ଷେପ ନେବାକୁ ମନିଟରିଂ ହେବା ଆବଶ୍ୟକୟ ଗୋସମ୍ପଦର ଉପଯୁକ୍ତ ଥଇଥାନ ଲାଗି ସେମାନଙ୍କ ଲାଳନ ପାଳନ ମାଧ୍ୟମରେ ଆର୍ଥିକ ପ୍ରଗତି ସୃଷ୍ଟି ପାଇଁ ଗୋପାଳଙ୍କ ଗୁରୁ ଦାୟିତ୍ୱ ନିର୍ବାହ କରିବା ଜରୁରୀ। ଏଥିରେ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ନିମନ୍ତେ ଯୋଜନା ଭିତ୍ତିକ ପଦକ୍ଷେପକୁ ସୁନିଶ୍ଚିତ କରିବା ମଧ୍ୟ ଜରୁରୀ। ଏଥି ପାଇଁ ଗୋସଂପଦ ଉନ୍ନୟନ ବିକାଶ ପରିଷଦ ଗଠନ ମାଧ୍ୟମରେ ସେମାନଙ୍କ ଠାରୁ ଆନୀତ କ୍ଷୀରର ବାଣିଜ୍ୟ ବିକାଶ ପାଇଁ ପ୍ରୋତ୍ସାହନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଜରୁରୀ। ଫସଲ କ୍ଷେତ, ବିଲ ଜମିରେ ରସାୟନ ସାରର ବିକଳ୍ପ ଭାବେ ଗୋସମ୍ପଦର ଗୋବର ଖତର ବହୁଳ ବ୍ୟବହାର ନିମନ୍ତେ ଗୁରୁତ୍ୱାରୋପ କରି ଏହାର ବଜାର ଭିତ୍ତିକ ବାଣିଜ୍ୟ ବିକାଶ ପାଇଁ ପ୍ରୋତ୍ସାହନର ମଧ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ ସ୍ତରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯିବା ବିଧେୟ। ଜନ୍ମଦାତ୍ରୀ ମାଆ ସମାନ ଆମର ଗୃହପାଳିତ ପ୍ରାଣୀ ଗୋମାତା ର ସୁରକ୍ଷା ଆମର ଜୈବିକ ଓ କୃଷିର ବିକାଶରେ ଅଙ୍ଗାଙ୍ଗୀ ଜଡ଼ିତ।

***ସ୍ତମ୍ଭକାର ନାଚୁଣୀ ଖୋର୍ଦ୍ଧା, (ଫୋନ:-୬୩୭୦୪୯୫୯୪୪)***

# ସିଡିଏସ୍‌ଙ୍କ ମନ୍ତବ୍ୟ ସାହାସର ପ୍ରତୀକ !

**ଗୋପାଳ ମହାପାତ୍ର**

ସିଙ୍ଗାପୁରରେ ସଙ୍ଗରି-ଲା ଡ଼ାଇଲଗ ସିକ୍ୟୁରିଟି ଫୋରମ୍‌ରେ ଯୋଗଦେବା ଅବସରରେ ଚିଫ ଅଫ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ଏବଂ ବ୍ଲୁମବର୍ଗକୁ ଏକ ସାକ୍ଷାତକାରରେ ଅପରେସନ ସିନ୍ଦୁର ସମ୍ପର୍କରେ କେତେକ ସୂଚନା ଦେଇଥିଲେ। ସିଡିଏସ୍ ଯାହା କହିଥିଲେ ତାହା ଭାରତୀୟ ଶଶସ୍ତ୍ରବା ଗଣମାଧ୍ୟମକୁ ଦେଇଥିବା ସୂଚନା ଠାରୁ ଭିନ୍ନ। ଜେନେରାଲ ଚୌହାନ ଅପରେସନ ସିନ୍ଦୁରରେ ଭାରତର ହୋଇଥିବା କ୍ଷତି ସମ୍ପର୍କରେ କହିଥିଲେ କିନ୍ତୁ କେତୋଟି ଏୟାରକ୍ରାଫ୍ଟ ନଷ୍ଟ ହୋଇଛି ସେକଥାକୁ ଏଡ଼ାଇ ଯାଇଥିଲେ। ଅପରେସନ ସିନ୍ଦୁର ବେଳର କ୍ଷତି ପ୍ରସଙ୍ଗରେ ଏହା ହେଉଛି ପ୍ରଥମ ଅଧିକାରିକ (ଅଫସିଆଲ) ସ୍ୱୀକୃତି ଯେ ଅପରେସନ ସିନ୍ଦୁରରେ ଫାଇଟର ଜେଟ କ୍ଷତିଗ୍ରସ୍ତ ହୋଇଛି। ଭାରତ- ପାକିସ୍ଥାନ ଜଣେ ଅନ୍ୟ ଜଣକ ବିରୁଦ୍ଧରେ ସେନା କାର୍ଯ୍ୟାନୁଷ୍ଠାନ କରିବେ ନାହିଁବୋଲି ସହମତି ପ୍ରକାଶ ପାଇବାର ୩ ସପ୍ତାହ ପରେ ଭାରତର କ୍ଷତି ହୋଇଥିବା କଥା ଜଣାପଡିଛି। ସିଡିଏସ୍‌ଙ୍କ ବୟାନକୁ ନେଇ ଏବେ ବିବାଦ ଆରମ୍ଭ ହୋଇଯାଇଛି। କେତେକ ସିଡିଏସ୍ ବିଦେଶୀ ଗଣମାଧ୍ୟମ ଆଗରେ ଦେଇଥିବା ବିବୃତିକୁ ସମର୍ଥନ କରୁଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି। ସିଡିଏସ୍ ଯାହା କହିଛନ୍ତି ତଦନୁସାରେ ଅପରେସନ ସିନ୍ଦୁରର ପ୍ରଥମ ଦିନ ଭାରତର କ୍ଷତି ପରେ ଭାରତ ତାର ରଣନୀତିରେ ପରିବର୍ତ୍ତନ କରିଥିଲା ଓ ୩ଦିନ ପରେ ଯୁଦ୍ଧବିରତି ଘୋଷଣା ପୂର୍ବରୁ ପାକିସ୍ଥାନର ଅନେକ କ୍ଷତି ହୋଇଥିଲା। ସିଡିଏସ୍ କହିଥିଲେ ନ୍ତଗୁରୁତ୍ୱପୂର୍ଣ୍ଣ ହେଉଛି ଏହି କ୍ଷତି କାହିଁକି ହେଲା ଏବଂ ଏହା ପରେ ଆମେ କ'ଣ କଲୁ...... ଆମେ ଆମ ରଣନୀତିରେ ପରିବର୍ତ୍ତନ କଲୁ ଏବଂ ପୁଣି ୭.୮ ଏବଂ ୧୦ରେ ପାକିସ୍ଥାନ ଭିତରେ ପଶି ତାର ଏୟାରବେସ ଉପରେ ଆକ୍ରମଣ ହେଲା ଓ ପାକିସ୍ଥାନର ସବୁ ଏୟାର ଡିଫେନ୍ସକୁ ଭେଦକରି ସଠିକ୍ ଆକ୍ରମଣ କରାଗଲାନ୍ତ।

ଯୁଦ୍ଧ ସମୟରେ ସତ୍ୟ ସୂଚନାର ମୂଲ୍ୟ ଅଧିକ କିନ୍ତୁ ଏଥି ସହ ମିଛମଧ୍ୟ ରହିଥାଏ। ଏକଥା ଦ୍ୱୀତୀୟ ବିଶ୍ୱଯୁଦ୍ଧ ବେଳେ ବ୍ରିଟେନର ପ୍ରଧାନମନ୍ତ୍ରୀ ଓ୍ୱିନଷ୍ଟନ ଚର୍ଚ୍ଚିଲ କହିଥିଲେ। ଖେଳରେ ଯେମିତି ହାରିବାର ସମ୍ଭାବନା ହୋଇଥାଏ ଯୁଦ୍ଧରେ ମଧ୍ୟ ସେମିତି। ଆମେରିକାକୁ ଜଣାଥିଲା ଯେ ସେ ଭିଏତନାମ ଯୁଦ୍ଧ ହାରୁଛି କିନ୍ତୁ ଆମେରିକା ଏ କଥାକୁ କେବେ ସ୍ୱୀକାର କରୁନଥିଲା। ୧୯୭୧ ମସିହାରେ ପେଣ୍ଟାଗନ ପେପର୍ସ ଲିକ୍ ହେବା ପରେ ପ୍ରକୃତ ସତ୍ୟ ଜଣାପଡିଥିଲା। ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଆମେରିକା ଚେଷ୍ଟା କରି ମଧ୍ୟ ଆଫଗାନିସ୍ଥାନରେ ନିଜର ସ୍ଥିତିକୁ ସୁଦୃଢ଼ କରି ପାରିନଥିଲା। କିନ୍ତୁ ଆଫଗାନୀସ୍ଥାନ ତାର ନିୟନ୍ତ୍ରଣରେ ବୋଲି କହୁଥିଲା। ଏହାର ବିପରିତ ଭାରତ ଅପରେସନ ସିନ୍ଦୁର ବେଳେ ହୋଇଥିବା କ୍ଷତି ବାବଦରେ ସ୍ୱଷ୍ଟବାଦୀ ଥିଲା। ଯୁଦ୍ଧ ବିରତି ଘୋଷଣା ହେବାର ଆର ଦିନ ଅର୍ଥାତ୍ ମେ ମାସ ୧୧ ତାରିଖଦିନ ଏୟାର ଅପରେସନର ନିର୍ଦ୍ଦେଶକ ଏୟାର ମାର୍ଶାଲ ଏକେ ଭାରତୀ ଗଣମାଧ୍ୟମକୁ ସୂଚନା ଦେବା ବେଳେ ଏକ ପ୍ରଶ୍ନର ଉତ୍ତରଦେଇ କହିଥିଲେ ଯେ ଭାରତର ଏୟାରକ୍ରାଫ୍ଟ ନଷ୍ଟ ହୋଇଛି କି ନାହିଁ ସେ ବାବଦରେ ମନ୍ତବ୍ୟ ଦେବାକୁ ଚାହୁଁନାହାଁନ୍ତି। ଏୟାର ମାର୍ଶାଲ ଭାରତୀ କହିଥିଲେ ଯେ ସୈନ୍ୟ ଅପରେସନ ବେଳେ କ୍ଷତିହେବା ଏକ ସାଧାରଣ ଘଟଣା କିନ୍ତୁ ଭାରତୀୟ ସେନା ତାର ଉଦେଶ୍ୟ ପୁରଣ କରିପାରିଛି। ସବୁ ବାୟୁସେନା ପାଇଲଟ ଘରକୁ ଫେରିଛନ୍ତି। ଭାରତୀ କହିଥିଲେ ଯେ ପାକିସ୍ଥାନ ବାୟୁସେନାର କିଛି ଏୟାରକ୍ରାଷ୍ଟ ନଷ୍ଟ ହୋଇଛି ଏବଂ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ କାରଣରୁ ତାର ଏୟାରବେସ୍ ମଧ୍ୟ ନଷ୍ଟ ହୋଇଛି। ଅନ୍ୟପକ୍ଷରେ ସିଡିଏସ୍ ଚୌହାନ ରଏଟର୍ସକୁ କହିଛନ୍ତି ଯେ ୧୦ ମଇରେ ଭାରତୀୟ ଏୟାରଫୋର୍ସ (ବାୟୁସେନା) ରାଓଲପିଣ୍ଡିରେ ନୁରଖାନ ଏୟାରବେସ ସହିତ ପାକିସ୍ଥାନର ବହୁତ ଭିତରକୁ ଯାଇ ଆକ୍ରମଣ କରିଥିଲା। ସିଡିଏସ୍ ଏକ ଗୁରୁତ୍ୱପୂର୍ଣ୍ଣ କଥା ମଧ୍ୟ କହିଥିଲେ। ସେ କହିଥିଲେ ଯେ ପାକିସ୍ଥାନ ଏବଂ ଚୀନ ମଧ୍ୟରେ ଯଦିଓ ଗଭୀର ସମ୍ପର୍କ ରହିଛି କିନ୍ତୁ ଭାରତର କାର୍ଯ୍ୟାନୁଷ୍ଠାନ ବେଳେ ଚୀନ ବାସ୍ତବିକ ଭାବେ ସହଯୋଗ କରୁଥିବାର କୌଣସି ସୂଚନା ମିଳିନଥିଲା। ପାକିସ୍ଥାନ ପକ୍ଷରୁ ଦାବି କରାଯାଇଥିଲା ଯେ ମେ ମାସ ୭ ତାରିଖରେ ଅପରେସନ ସିନ୍ଦୁର ଆରମ୍ଭ କରାଯାଇଥିଲା ଓ ସେହିଦିନ ରାତିରେ ୫ଟି ଭାରତୀୟ ବାୟୁସେନା ଜେଟକୁ ପାକିସ୍ଥାନ ଧ୍ୱଂଶ କରିଦେଇଥିଲା। ଭାରତ କିନ୍ତୁ ଏ କଥାକୁ ଖଣ୍ଡନ କରିନଥିଲା। କିନ୍ତୁ ମେ ୧୦ ତାରିଖରେ ଏୟାର ମାର୍ଶାଲ ଭାରତୀ ଗରମାଧ୍ୟମକୁ କହିଥିଲେ ଯେ ନ୍ତକ୍ଷତି ସେନା କାର୍ଯ୍ୟାନୁଷ୍ଠାନର ଏକ ଅଂଶ ବିଶେଷ।ନ୍ତ କିନ୍ତୁ ସିଡିଏସ୍ କହିଛନ୍ତି ଯେ ମେ ମାସ ୭ ତାରିଖରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର କିଛି କ୍ଷତି ହୋଇଥିଲା କିନ୍ତୁ ପାକିସ୍ଥାନ ଭାରତର କ୍ଷତି ବାବଦରେ ଯାହା କହୁଛି ତାହା ଠିକ୍ ନୁହେଁ। ସିଡିଏସ୍‌ଙ୍କ ଏହି ସ୍ୱୀକୃତି ଭାରତର ସାହାସିକତାର ପ୍ରଦର୍ଶନ ନିଶ୍ଚୟ। ଅପରେସନ ସିନ୍ଦୁରର ସମସ୍ତ ଉଦେଶ୍ୟ ସଫଳ ହୋଇଥିବାରୁ ଭାରତ କ୍ଷତି ସମ୍ପର୍କରେ କିଛି ଲୁଚାଇବାର ଆବଶ୍ୟକ ନାହିଁ। ଏଣୁ ସିଡିଏସ୍‌ଙ୍କ ବୟାନକୁ ନେଇ ଅଧିକ ବିବାଦ ସୃଷ୍ଟି ହେବା ଅନାବଶ୍ୟକ। ଏବେ ଯୁଦ୍ଧ ବିରତି ହୋଇଛି ଅର୍ଥାତ୍ ସେନା ଅପରେସନ ସ୍ଥଗିତ କରାଯାଇଛି, ସମାପ୍ତ କରାଯାଇନାହିଁ।

ଦୁର୍ଭାଗ୍ୟର କଥା ହେଉଛି ଜାତୀୟ ଟିଭି ଚାନେଲମାନେ ସାମ୍ବାଦିକତାର ସବୁ ସୀମାକୁ ଲଂଘି ଯାଇଥିଲେ ଓ ମିଛ ଖବର ପ୍ରସାରଣରେ ଲାଗିପଡିଥିଲେ। ଅପରେସନ ସିନ୍ଦୁର ବାବଦରେ ଆଲୋଚନାରେ ଯେଉଁମାନେ ଭାଗ ନେଉଥିଲେ ସେମାନେ ଦେଶଭକ୍ତ ବୋଲି ଯଦିଓ ଲାଗୁଥିଲେ କିନ୍ତୁ ସେମାନଙ୍କ ମନ୍ତବ୍ୟ ସେନାର ବୋଝ ବଢ଼ାଇ ଦେଉଥିଲା ଏଭଳି କାରଣରୁ ଜାତୀୟ ଟିଭି ଚାନେଲ ଉପରୁ ଲୋକଙ୍କର ବିଶ୍ୱାସ କମିବାରେ ଲାଗିଛି। ସିଡିଏସ୍ କହିଥିଲେ ଯେ ଅପରେସନ ସମୟରେ ୧୫ ପ୍ରତିଶତ ସମୟ ଫେକ୍‌ନ୍ୟୁଜ୍ ବା ଭୁଲ ସମ୍ବାଦର ଖଣ୍ଡନ କରିବାରେ ବିତିଯାଉଥିଲା। ସିଡିଏସ୍ ଯାହା କହିଛନ୍ତି ତାହା ସତ୍ୟ ନିଶ୍ଚୟ ଏବଂ ଏଥିପାଇଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଅନାବଶ୍ୟକ।

***ରାମଚନ୍ଦ୍ରପୁର, ରଣପୁର***

## ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ୭୮୮ଟି ଗୟଳ ଚିହ୍ନଟ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳ ଗଣନା ଶେଷ ହୋଇଯାଇଛି। ଗତ ମେ ମାସ ହୋଇଥିବା ଗଣନା ଅନୁଯାୟୀ ଡେବ୍ରିଗଡ ଅଭୟାରଣ୍ୟରେ ୭୮୮ଟି ଗୟଳ ଅଛନ୍ତି। ସେଥିମଧ୍ୟରୁ ୨ବର୍ଷରୁ କମ ବୟସର ୩୧୫ଟି ଓ ୧୨୮ଟି ନବଜାତ ଗୟଳ ଅଛନ୍ତି। ଗତ ବର୍ଷ ପ୍ରଥମ କରି କରାଯାଇଥିବା ଗୟଳ ଗଣନାରେ ୬୫୯ଟି ଗୟଳ ଥିଲେ। ତେବେ ୬ ମାସ ମଧ୍ୟରେ ୧୨୯ ଗୟଳ ବୃଦ୍ଧି ପାଇଥିବା ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଗତ ଥର ୫୨ଟି ଗୟଳ ଗୋଷ୍ଠୀ ଠାବ କରାଯାଇଥିବା ବେଳେ ଏଥର ତାହା ୬୦କୁ ବୃଦ୍ଧି ପାଇଛି। ଏହି ଗୋଷ୍ଠୀ ଗୁଡ଼ିକରେ ବୟସ୍କା ମାଈ ଗୟଳମାନେ ଶାବକ ଓ ଛୋଟ ଗୟଳମାନଙ୍କ ନେତୃତ୍ୱ ନେଇଥାନ୍ତି। ଏ ବର୍ଷ ମୌସୁମୀ ଓ ଶୀତ ସମୟରେ ନବଜାତ ଓ ଶାବକ ଗୟଳମାନଙ୍କ ଗଣନା କରାଯିବ। ଏହା ସିଡ୍ୟୁଲ୍-୧ ପ୍ରଜାତି ଘୋଷିତ ଏହି ଗୟଳମାନଙ୍କ ସଂରକ୍ଷଣ ଏବଂ ଅନ୍ୟ ବନାଞ୍ଚଳ ତୁଳନାରେ ଏମାନଙ୍କ ଘନତା ପରିସଂଖ୍ୟାନ ସଂଗ୍ରହ କରାଯିବ। ହୀରାକୁଦ ଆର୍ଦ୍ରଭୂମି କୂଳରେ ଥିବା ପରିବେଶ ସମ୍ବେଦନଶୀଳ ଜୋନ୍ ଓ ପର୍ଯ୍ୟଟନ ଜୋନରେ ବହୁ ସଂଖ୍ୟକ ଗୟଳ ଦୃଷ୍ଟିଗୋଚର ହୋଇଥାନ୍ତି। ସେଥିପାଇଁ ଡେବ୍ରିଗଡ଼ ଅଭୟାରଣ୍ୟକୁ ଲ୍ୟାଣ୍ଡ ଅଫ୍ ଇଣ୍ଡିଏନ୍ ବାଇସନ କୁହାଯାଉଛି। ଏହି ପ୍ରଜାତିର ଗୟଳମାନେ ଦୂର ସ୍ଥାନକୁ ଯା'ଆସ କରିପାରନ୍ତି। ମାତ୍ର ବିସ୍ତୀର୍ଣ୍ଣ ଡେବ୍ରିଗଡ଼ ଅଭୟାରଣ୍ୟରେ ଏମାନେ ୫ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଚଳପ୍ରଚଳ କରୁଛନ୍ତି। ଅନ୍ୟ ପକ୍ଷରେ ଡେବ୍ରିଗଡ଼ ଅଭୟାରଣ୍ୟର ସଫାରୀ ଜୋନ୍‌ରେ ୧୪୫ ଗୟଳ ୬ଟି ଗୋଷ୍ଠୀରେ ରହୁଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏମାନେ ଲୁପ୍ତପ୍ରାୟ ଥିବାରୁ ସିଡ୍ୟୁଲ-୧ ଘୋଷଣା କରାଯାଇଛି। ଅଭୟାରଣ୍ୟରେ ସମ୍ବର, ହରିଣ, ବାରହା, ବାଘ, ଭାଲୁ, ହାତୀ, କୋକିଶିଆଳୀ ପ୍ରଭୃତି ବନ୍ୟପ୍ରାଣୀ ଅଛନ୍ତି। ଗତ ଶୀତରେ ଏଠାକୁ ୧୨୦ ପ୍ରଜାତିର ୩ ଲକ୍ଷ ୭୦ ହଜାର ବିଦେଶୀ ପକ୍ଷୀ ଆସିଥିଲେ। ୨୦୨୨ରେ ହୀରାକୁଦ ନଦୀବନ୍ଧକୁ ରାମର ଆର୍ଦ୍ରଭୂମି ମାନ୍ୟତା ପ୍ରଦାନ କରାଯାଇଥିଲା। ଅଭୟାରଣ୍ୟ ମଧ୍ୟରେ ଥିବା ଜନବସତି ଗୁଡ଼ିକୁ ଅଭୟାରଣ୍ୟ ବାହାରେ ଥଇଥାନ ଓ ବନ୍ଦୋବସ୍ତ କରାଯାଇଥିଲ। ଅଭୟାରଣ୍ୟ ମଧ୍ୟରେ ଥିବା ଜନବସତି ଗୁଡ଼ିକୁ ଅଭୟାରଣ୍ୟ ବାହାରେ ଥଇଥାନ ଓ ବନ୍ଦୋବସ୍ତ କରାଯାଇଛି। ଏବେ ଏହାକୁ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରିବାର ପ୍ରସ୍ତାବ ରହିଛି। ଅନ୍ୟ ପକ୍ଷରେ ଅଭୟାରଣ୍ୟକୁ ଆଘାତ ଶୂନ୍ୟ ଘୋଷଣା ପ୍ଲାଷ୍ଟିକ୍ ପ୍ରତିରୋଧ କରାଯାଇଛି। ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ରାତ୍ରିରହଣୀ ପାଇଁ କଟେଜ୍, ୧୮ଟି ସଫାରୀ ଯାନ ଓ ବିଭିନ୍ନ ଧରଣର ଡଙ୍ଗାର ବ୍ୟବସ୍ଥା ରହିଛି। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

### ପ୍ରଭାରୀ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦିନିକିଆ ରାୟଗଡ ଗସ୍ତ

## ବିକାଶ ମେଳାର ଆୟୋଜନ ସମ୍ବନ୍ଧରେ ସମୀକ୍ଷା

**ରାୟଗଡ଼ ,(ଡିକେ ନ୍ୟୁଜ୍):** ବିଭୂତି ଭୂଷଣ ଜେନା, ମାନ୍ୟବର ବାଣିଜ୍ୟ ଓ ପରିବହନ, ଖଣୀ ଓ ଇସ୍ପାତ ମନ୍ତ୍ରୀ ଓଡିଶା ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ପହଞ୍ଚିଥିଲେ। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏହା ସହିତ ଆସନ୍ତା ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ୧୨/୦୬/୨୦୨୫ ରିଖରୁ ୧୮/୦୬/୨୦୨୫ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାର ଚୁଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ମାନ୍ୟବର ମନ୍ତ୍ରୀ ନିଜର ଭାଷଣରେ କହିଲେ ଯେ ସେବା ସୁଶାସନ ଓ ଗରିବ କଲ୍ୟାଣର ଅମୃତ ବର୍ଷର ଉପଲବ୍ଧିକୁ ସୁବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ମେଳରେ ମୂଳ ଉଦେଶ୍ୟ। ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବିକାଶ ମେଳା କରାଯିବ ଏବଂ ରାଜ୍ୟର ପ୍ରମୁଖ ଜିଲ୍ଲା



ମାନଙ୍କରେ କୃଷକ ମେଳା, ନାରୀଶକ୍ତି, ଯୁବଶକ୍ତି ଓ ଆଦିବାସୀ ଶକ୍ତି ସମାବେଶ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ। ଦଳଗତ ର୍ନିବିଶେଷରେ ସମସ୍ତଙ୍କୁ ସାମିଲ କରାଯିବ। ଏକ ବର୍ଷ ଭିତରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବ। ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଏହି ବିକାଶ ମେଳା ଆୟୋଜନ କରାଯିବ। ଏହା ସହିତ ପାରମ୍ପରିକ ଖାଦ୍ୟ ମେଳା, ମୋ ସ୍ୱପ୍ନରେ ଓଡିଶା- ୨୦୩୬ ଓ ମୋ ସ୍ୱପ୍ନରେ ଭାରତ -୨୦୪୭ ବିଷୟରେ ପ୍ରବନ୍ଧ ଓ ଚିତ୍ରକାଳା ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ କୃତୀ ପ୍ରତିଯୋଗି ମାନଙ୍କୁ ଏହି ମେଳକ୍ଷରେ ପୁରସ୍କୃତ କରାଯିବ। ସରକାରଙ୍କ ସଫଳ କାହାଣୀର ଦୈନିକ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ହାସଲ କରିଥିବା ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଦୈନିକ ସନ୍ଧ୍ୟା ସମୟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମାନ୍ୟବର ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯିବ। କ୍ରୀଡା ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାମିଲ କରାଯିବ। ଏହା ବ୍ୟତୀତ ବିଭିନ୍ନ ବ୍ଲକରେ ବିକାଶ ବାହାନା ମାଧ୍ୟମରେ ଏକ ବର୍ଷର ଉପଲବ୍ଧି ଲୋକଙ୍କୁ ଜଣାଇ ଦିଆଯିବ। ସ୍ଥକ୍ଷନେ ସ୍ଥାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଉତ୍ସବ ମୁଖର କରାଯିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ଲୋକମାନଙ୍କୁ ବିଶେଷ କରି ମାନ୍ୟଗଣ୍ୟ, ବୁଦ୍ଧିଜୀବୀ, ଗଣମାଧ୍ୟମ, ଯୁବ ସମାଜ, ବିଭିନ୍ନ ସଂଘଠନର ଲୋକଙ୍କୁ ନେଇ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ। ଏହା ସହିତ ବିଭିନ୍ନ କ୍ଷତ୍ରରେ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାଯିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସାମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଅଜୟ କୁମାର ପ୍ରଧାନ ଓ ଅନ୍ୟକ୍ଷନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଶ୍ରମିକ ସଂଘ ବିବାଦ : ୭ଜଣଙ୍କ ନାଁରେ ମାମଲା

**ପାରାଦୀପ,(ଡିକେ ନ୍ୟୁଜ୍):** ଗତ କିଛି ଦିନ ହେବ ପାରାଦୀପର ପୁରାତନ ଶ୍ରମିକ ସଙ୍ଗଠନ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନରେ ଲାଗି ରହିଥିବା ବିବାଦର ଅନ୍ତ ହେଉନାହିଁ । ୟୁନିୟନ୍‌ର ସଦସ୍ୟତା ହରେଇଥିବା ତଥା ବହିଷ୍କୃତ ସଭ୍ୟମାନେ ୟୁନିୟନ୍ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ଲେଟର ହେଡ୍ ଚୋରି କରି ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ/ ବେସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବା ଜାଣିବା ପରେ ୟୁନିୟନ ପକ୍ଷରୁ ଆଇନ୍‌ର ଆଶ୍ରୟ ନିଆଯାଇଥିଲା । ପାରାଦୀପ ଥାନାରେ ୧୩୨/୨୫ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି କୁଜଙ୍ଗର ମାନ୍ୟବର ଜେଏମଏଫସିଙ୍କ ଅଦାଲତଙ୍କ ନିର୍ଦ୍ଦେଶରେ ନିରଂଜନ ମହାପାତ୍ର, ବିଜୟ ବରାଳ, କାଳୁ ଚରଣ ବରାଳ, ବିରଞ୍ଚି ନାରାୟଣ ସୁନ୍ଦରାୟ,ନବୀନ ବଳିୟାରସିଂ, ଶରତ ମଲ୍ଲିକ ଓ ଅଲାରନାଥ ରଣହାନ୍ଦୋଳଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ମାମଲା ରୁଜୁ ହେବାର ୧୦ ଦିନ ବିତି ଯାଇଥିଲେ ବି ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ବେଳେ ୟୁନିୟର ଚୋରି ହୋଇଥିବା ଲେଟର ହେଡ୍ ଜବତ କରାଯାଇ ନଥିବା ୟୁନିୟନ୍‌ର ସାଧାରଣ ସମ୍ପାଦକ ସନାତନ ବେହେରା ଅଭିଯୋଗ କରିଛନ୍ତି । ୟୁନିୟନ୍‌ର ସଦସ୍ୟତା ଦାବୀ କରୁଥିବା କାଳୁ ଚରଣ ବରାଳ, ବିରଞ୍ଚି ନାରାୟଣ ସୁନ୍ଦରାୟ, ଶରତ ମଲ୍ଲିକ ଜିପିଏମ୍ ଶ୍ରମିକ ହୋଇଥିବା ବେଳେ ୨୦୨୨ ପରଠାରୁ ଜିପିଏମ୍‌ର କୌଣସି ଶ୍ରମିକ ଆମ୍ଭ ୟୁନିୟନର ସଭ୍ୟ ନଥିବା ଶ୍ରୀ ବେହେରା କହିଛନ୍ତି । ୟୁନିୟନ କାର୍ଯ୍ୟରେ ବିଶୃଙ୍ଖଳିତ ଆଚରଣ ଯୋଗୁଁ ବିଜୟ ବରାଳ ଓ ନିରଂଜନ ମହାପାତ୍ରଙ୍କୁ ସର୍ବ ସମ୍ମତିକ୍ରମେ ବହିଷ୍କାର କରାଯାଇଥିବା ନେଇ ଶ୍ରୀ ବେହେରା କହିଛନ୍ତି ।

## ହୋଟେଲ ଉପରକୁ ମାଡିଗଲା ଟ୍ରକ : ଜଣେ ମୃତ

**ସାଲେପୁର,(ଡିକେ ନ୍ୟୁଜ୍):** କଟକ-ଚନ୍ଦବାଲି ରାସ୍ତାରେ ଶିଶୁଆ ବଜାରସ୍ଥିତ ସିଦ୍ଧି ନାମକ ହୋଟେଲ ଉପରକୁ ଏକ ୧୮ଚକିଆ ଟ୍ରକ ମଡ଼ିପିବାରୁ ଜଣେ ହୋଟେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ବାଇକ୍ ନଷ୍ଟ ହୋଇଥିବା ବେଳେ ହୋଟେଲର ଘର ଭାଙ୍ଗି ଯାଇଛି। ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ଓଡି୦୪-ଜେ-୫୫୧୭ ନମ୍ବର ଟ୍ରକ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲା ଟ୍ରକଟି ଭାରସାମ୍ୟ ହରାଇ ହୋଟେଲକୁ ମାଡ଼ିଯିବାରୁ ହେଟେଲରେ କାର୍ଯ୍ୟରତ କର୍ମଚାରୀ ଆଠଗଡ଼ ଅଞ୍ଚଳର ମନୋଜ, ଟ୍ରକ ତଳେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ମନୋଜର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ, ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉତ୍ତେଜିତ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଟ୍ରକକୁ ଜବତ କରିଛି ଓ ଡ୍ରାଇଭରକୁ ଅଟକ ରଖି ପଚରାଉଚରା ଜାରି ରଖିଛି ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିବା ସହ ରାସ୍ତାରୋକ ହୋଇଥିବାରୁ ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି।

## ବିଜେପି ସରକାରର କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ କର୍ମଶାଳ

**ବୌଦ୍ଧ,(ଡିକେ ନ୍ୟୁଜ୍):** ବିଜେପି ସରକାରଙ୍କ କେନ୍ଦ୍ର ରେ ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବୌଦ୍ଧ ଜିଲ୍ଲା ବିଜେପି ତରଫରୁ ଟାଉନ ହଲ ଠାରେ ବିକଶିତ ଭାରତର ଅମୃତ କାଳ, ସେବା, ସୁଶାସନ ଏବଂ ଗରିବ କଲ୍ୟାଣକୁ ନେଇ କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ପୂର୍ତ୍ତିକୁ ନେଇ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଡ଼.



ପ୍ରତାପ କୁମାର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥି, ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାସ, ଦଳର ଉପ ସଭାପତି ଶ୍ୟାମ ସୁନ୍ଦର ମହାପାତ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତ କର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଦଳର ସାଧାରଣ ସମ୍ପାଦକ ସୁଶାନ୍ତ ବାଘ କାର୍ଯ୍ୟକ୍ରମକୁ ସଂଯୋଜନ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବିଭିନ୍ନ ସଂଗଠନ କର୍ମକର୍ତ୍ତା, ମଣ୍ଡଳ ସଭାପତି, ଦଳୀୟ ନେତା ଓ କର୍ମୀ ଯୋଗଦେଇ ଥିଲେ।

## ସମୁଦ୍ରରେ ଗାଧୋଇବା ବେଳେ ଯୁବକ ନିଖୋଜ

**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦ୍ୱୀପ ଲାଇଟ୍ ହାଉସ ନିକଟରେ ସମୁଦ୍ରରେ ଗାଧୋଇବା ବେଳେ ନିଖୋଜ ହେଲେ ଯୁବକ, ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗର ଖୋଜାଖୋଜି ଜାରି, ନିଖୋଜ ଯୁବକ କେନ୍ଦ୍ରାପଡା ଅଞ୍ଚଳର ସେଖ୍ ଅମନ୍ ଉଲ୍ଲା ବୋଲି ଜଣା ପଡିଛି। ଆଜି ବକ୍ରୀ ଇଦ୍ ଥିବାରୁ କେନ୍ଦ୍ରାପଡା ଅଞ୍ଚଳର ୭ଜଣ ଯୁବକ ପାରାଦୀପ ଲାଇଟହାଉସ୍ ନିକଟ ସମୁଦ୍ର କୂଳକୁ ବୁଲିବା ପାଇଁ ଆସିଥିଲେ। ସେଠାରେ ସମସ୍ତ ସାଙ୍ଗ ମିଶି ସମୁଦ୍ର ରେ ଗୋଧୋଇବା ବେଳେ ଜଣେ ଯୁବକ ସମୁଦ୍ରରେ ନିଖୋଜ ହୋଇ ଯାଇଛନ୍ତି। ଖବରପାଇ ପାରାଦୀପ ମେରାଇନ୍ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରୀ ରଖିଛି। ଜଟାଧାର ମେରାଇନ୍ ପୋଲିସର ଏକ ମେରାଇନ୍ ବୋଟ୍ ସମୁଦ୍ର ରେ ପଇନ୍ତରା ମାରି ଉଦ୍ଧାର କାର୍ଯ୍ୟ ଜାରୀ ରଖିଥିବା ବେଳେ ନିଖୋଜ ଯୁବକ ଜଣଙ୍କ ହେଲେ କେନ୍ଦ୍ରାପଡା ଜିଲ୍ଲା ଜଇପୁରା ଗ୍ରାମର ସେଖ୍ ଅମନ୍ ଉଲ୍ଲା, ବୟସ ୨୦ବୋଲି ଜଣାପଡିଛି।

## ଯୁବକଙ୍କୁ ମରାଣାନ୍ତିକ ଆକ୍ରମଣ ଅଭିଯୋଗ: ଦୁଇ ଗିରଫ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ସ୍ଥାନୀୟ ହିଲପାଟଣା ଅଞ୍ଚଳରେ ଜଣେ ଯୁବକକୁ ମରାଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀର ଓଁମ୍ ପ୍ରସାଦ ପଣ୍ଡା (୩୦) ଓ ରାମ ନଗର ୮ମ ଲାଇନ ତଥା ଚନ୍ଦନ ନଗରରେ ରହୁଥିବା ସୁନୀଲ ପରିହାଳି(୩୬) ବୋଲି ଥାନା ଅଧିକାରୀ ସ୍ମୃତି ପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ହିଲପାଟଣା ଅଞ୍ଚଳର ରାଜେଶ ଷଡ଼ଙ୍ଗୀ (୪୨)ଗତ ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ଖାଇବା ନେଇ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ହିଲପାଟଣା ତୃତୀୟ ଲାଇନଠାରେ ଓମ୍ ଓ ସୁନୀଲଙ୍କ ସମେତ ୩ଜଣ ଯୁବକ ରାଜେଶଙ୍କ ଗାଡ଼ିକୁ ଅଟକାଇ ଗାଳି ଗୁଲଜ କରିବା ସହ ମରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶଙ୍କ ବାମ ଆଖିରେ ଗଭୀର ଆଘାତ ଲାଗିଛି ବୋଲି ରାକେଶ ଗୋଷାଣୀନୁଆ ଗାଁରେ ଲିଖିତ ଅଭିଯୋଗ କରିଥିଲେ।

## ମୃତକଙ୍କ ପରିବାରକୁ ବିଜେଡ଼ି ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ସହାୟତା



**କୋରାପୁଟ,(ଡିକେ ନ୍ୟୁଜ୍):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ବିଭାଗ ରେ ଗତ ମଙ୍ଗଳବାର ରାତିରେ ୬ ଜଣ ରୋଗୀ ମୃତ୍ୟୁ ଘଟିଛି। ବିଜେଡ଼ି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଭାପତି ଝିନ୍ନ ହିକକାଙ୍କ ନେତୃତ୍ୱରେ ବିଜେଡିର ଏକ ଟିମ୍ ମୃତକ ଗାଁକୁ ଯାଇ ତାଙ୍କ ପରିବାରଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କେଉଁ ରୋଗରେ ମୃତକମାନେ ଆକ୍ରାନ୍ତ ଥିଲେ। କେଉଁ କାରଣ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ସେ ନେଇ ମଧ୍ୟ ଆଲୋଚନା କରିଛନ୍ତି । ଭୁଲ ଇଞ୍ଜେକ୍ସନ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଛି ବୋଲି ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ପ୍ରତି ମୃତକଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରିବା ସହିତ ସମବେଦନା ଜଣାଇଛନ୍ତି। ତା ସହିତ ବିଜେଡ଼ି ଦଳ ତରଫରୁ ପ୍ରତି ମୃତକଙ୍କ ପରିବାର ବର୍ଗଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି।

## ନର୍ସ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

**ସାଲେପୁର,(ଡିକେ ନ୍ୟୁଜ୍):** ପ୍ରେମ ପାଇଁ ଜୀବନ ହାରିଲେ ଯୁବକ ଯୁବତୀ ଯୁବତୀ ଜଣକ ନର୍ସ ଭାବେ ସାଲେପୁର ରାଇସୁଙ୍ଗଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ମାତ୍ର ସେ ମାହାଙ୍ଗା ଥାନା ଖନ୍ଦୋଳ ଗ୍ରାମରେ ଘରଭଡା ନେଇ ରହୁଥିଲେ। ମାତ୍ର ଆଜି ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଖୋଲିବାରୁ ନର୍ସ ଓ ଜଣେ ଯୁବକଙ୍କ ଯୁଗଳ ମୃତଦେହ ଫ୍ୟାନ ହୁକରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ଉଭୟ ଶବକୁ ଜବତ କରି ତଦନ୍ତ କରୁଛି। ଯୁବତୀଙ୍କ ନାଁ ଚିନ୍ମୟୀ ଭୋଇ ଓ ତାଙ୍କ ଘର ସାଲେପୁର ମାଛୁଆତିରେ ବୋଲି ଜଣାପଡିଛି। ମୃତ ଯୁବକଙ୍କ ଘର ସାଲେପୁରର ସୌରୀ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ଦେବେନ୍ଦ୍ର ମୁଣ୍ଡା ବୋଲି ଜଣାପଡିଛି। ଉଭୟ ଯୁବକ ଯୁବତୀଙ୍କ ମଧ୍ୟରେ ପୂର୍ବରୁ ପ୍ରମ ସମ୍ପର୍କ ରହିଥିବା କୁହାଯାଉଛି, ଘଟଣା ଟି ଚର୍ଚ୍ଚାର ବିଷୟ ହୋଇଛି।

## ଗଞ୍ଜାମରେ ଚୋରା ମଦ ବିକ୍ରି ବୃଦ୍ଧି

**ବୁଗୁଡ଼ା,(ଡିକେ ନ୍ୟୁଜ୍):** (ଡ଼ି.କେ ନ୍ୟୁଜ) ଗଞ୍ଜାମ ଜିଲ୍ଲା ରେ ଦିନକୁ ଦିନ ଚୋରା ମଦ ବିକ୍ରୀ ବୃଦ୍ଧି ପାଉଥିବା ବେଳେ, ସରକାରୀ ମଦ ଦୋକାନରେ ମଧ୍ୟ ବିକ୍ରୀ ହେଉଛି ନକଲି ମଦ। ଅସଲି ବୋତଲ ଭିତରେ ବିକ୍ରୀ ହେଉଛି ନକଲି ମଦ। ଗୋଟିଏ କମ୍ପାନୀର ବୋତଲ ଉପରେ ଲାଗିଛି ଅନ୍ୟ କମ୍ପାନୀର ଠିପି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ କରସିଙ୍ଗି ବିଦେଶୀ ମଦ ଦୋକାନରେ, ସୂଚନା ଅନୁସାରେ କିଛି ଗ୍ରାହକ ଏହି ଦୋକାନରୁ ଆଇକନିକ୍ ହୁସ୍କି କିଣିଲା ପରେ ଦେଖିଥିଲେ ସେଥିରେ ବି ସେଭେନ ହୁସ୍କି ର ଠିପି ଲାଗିଛି ଏବଂ ଭିତରେ କିଛି କାଠି ଭାସୁଛି। ଏନେଇ ଗ୍ରାହକ ଦୋକାନୀକୁ କହିବା ପରେ ସେ କହିଲେ ଆଉ ଗୋଟେ ବଦଳାଇ ନେଇଯାଅ। ଏହି ଖବର ଶୁଣି କିଛି ଲୋକ ସେଠାରେ ରୁଣ୍ଡ ହୋଇ ଅବକାରୀ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବୁଗୁଡ଼ା ପୋଲିସ, ବୁଗୁଡ଼ା ଅବକାରୀ ବିଭାଗ ଓ ଭଞ୍ଜନଗର ଅବକାରୀ ଥାନା ଇନିସ୍ପେକ୍ଟର ଡମ୍ବରୁଧର ହରିଜନ ସେଠାରେ ପହଞ୍ଚି ତଦନ୍ତ କରିବା ସହିତ ସିସିଟିଭି ଏବଂ ଦୋକାନ ଯାଞ୍ଚ କରି ପରୀକ୍ଷା ପାଇଁ କିଛି ସାମ୍ପୁଲ ସଂଗ୍ରହ କରଛନ୍ତି। ଏପରିକି ଦୋକାନରେ ରେଟ ଚାର୍ଟ ଏବଂ ଲାଇସେନ୍ସ ନଥିବା ବେଳେ ପ୍ରିଣ୍ଟ ରେଟ ଠାରୁ ଅଧିକ ରେଟରେ ମଦ ବିକ୍ରୀ ହେଉଥିଲା ଅଭିଯୋଗ କଲେ ଗ୍ରାହକଙ୍କୁ ଖରାପ ବ୍ୟବହାର ଦେଖାଉଥିଲେ। ଏହି ଅଭିଯୋଗ ପାଇ ଅବକାରୀ ବିଭାଗ ସମ୍ପୃକ୍ତ ଦୋକାନୀକୁ ତାଗିଦ କରିବାସହ ଆଗାମୀ ଦିନରେ ଏହିଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାସହ ମଦ ଦୋକାନକୁ ସିଲ କରିଦିଆଯିବ ବୋଲି କହିଛନ୍ତି।

## ଜଳପଥରେ ପର୍ଯ୍ୟଟନର ମଜା ନେବେ ପର୍ଯ୍ୟଟକ ପାରାଦ୍ୱୀପ ବନ୍ଦରରେ ଚଳାଚଳ କରିବ କ୍ରୁଜ୍ ସିପ୍

**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦରକୁ ଚଳାଚଳ କରିବ କ୍ରୁଜ୍ ସିପ୍ ବା ଯାତ୍ରୀବାହୀ ଜାହାଜ। ଦେଶର ବିଭିନ୍ନ ବନ୍ଦର ଏବଂ ବିଦେଶରୁ ଆସିବେ ପର୍ଯ୍ୟଟକ। ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଜଳପଥରେ ପର୍ଯ୍ୟଟନର ମଜା ନେବେ ପର୍ଯ୍ୟଟକ।ୟ ଏହା ଦ୍ୱାରା ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସର୍ବବ୍ୟାପ୍ତ ହେବା ସହ ପ୍ରତ୍ୟକ୍ଷ। ପରୋକ୍ଷ ଭାବେ ଅର୍ଥନୈତିକ ଅଭିବୃଦ୍ଧି ନେଇ ଆଶା ସଞ୍ଚାର ହୋଇଛି । ସ୍ଥାନୀୟ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ବି ସୃଷ୍ଟି ହେବା ସହିତ ଉଭୟ ପଣ୍ୟବାହୀ ଏବଂ ଯାତ୍ରୀବାହୀ ଜାହାଜ ଚଳାଚଳ ହେଲେ ଏକ ପୂର୍ଣ୍ଣାଙ୍ଗ ବନ୍ଦରରେ ପରିଣତ ହେବ ପାରାଦୀପ ବନ୍ଦର। ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ପାରାଦୀପକୁ ଯାତ୍ରୀବାହୀ ଜାହାଜ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିଲେ। ଯାହା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଛି। ଗତ ମାସ ୨୬ ତାରିଖରେ ମୁମ୍ବାଇଠାରେ ଆୟୋଜିତ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟ ପକ୍ଷରୁ ସବୁଜ



ସଙ୍କେତ ମିଳିଥିବା ସାଂସଦ ବିଭୁ ପ୍ରସାଦ ତରାଇ କହିଛନ୍ତି । କିଛି ବର୍ଷ ତଳେ ଅର୍ଥାତ୍ ୨୦୧୯ ଜାନୁଆରୀ ୨୬ ତାରିଖରେ ପାରାଦୀପ ବନ୍ଦରକୁ ସିଲଭର ଡିସକଭରର୍ ନାମକ ଏକ ଯାତ୍ରୀବାହୀ ଜାହାଜ ଆସିଥିଲା ଯ ଆମେରିକା, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, କାନାଡା, ଫ୍ରାନ୍ସ, ଅଷ୍ଟ୍ରେଲିଆ ଭଳି ୭ଟି ଦେଶରୁ ୬୩ ଜଣ ପର୍ଯ୍ୟଟକ ଆସି ଓଡ଼ିଶାର ରତ୍ନଗିରି, ଲଳିତଗିରି, ଉଦୟଗିରି ଆଦି ଐତିହ୍ୟସ୍ଥଳ ବୁଲି ଦେଖିଥିଲେ। ଓଡ଼ିଆ ଖାଦ୍ୟ ଖାଇଥିଲେ। ଓଡ଼ିଶୀ ନୃତ୍ୟ ଏବଂ ଓଡ଼ିଆ ନୌବାଣିଜ୍ୟ ପରମ୍ପରାର ଝଲକ ଭିତରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଯାହାକୁ ବିଦେଶୀ ପର୍ଯ୍ୟଟକମାନେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ନିୟମିତ ପାରାଦୀପକୁ କ୍ରୁଜ୍ ସିପ୍ ଚାଲିବା ନେଇ ଆଶା ସୃଷ୍ଟି ହୋଇଥିଲା। ମାତ୍ର ତାହା ଆଜି ଯାଏ ଆଶାରେ ରହି ଯାଇଥିଲା। ଏବେ ସାଂସଦ ତରାଇଙ୍କ ସୂଚନା ପରେ ଏହି ଆଶା ପୁଣି ଥରେ ଉଜ୍ଜୀବିତ ହୋଇଛି। ପାରାଦୀପ ବନ୍ଦରକୁ ଯାତ୍ରୀବାହୀ ଜାହାଜ ଚଳାଚଳ କଲେ ଜଳପଥରେ ଟ୍ରାଫିକ ବୃଦ୍ଧି ସହ ପ୍ରଦୂଷଣ ବଢିବ, ଯାହା ଫଳରେ ମାଛ ଉତ୍ପାଦନ ହ୍ରାସ ପାଇବ ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ସଭାପତି ଶ୍ରୀକାନ୍ତ ପରିଡ଼ା ଆଶଙ୍କା କରିଛନ୍ତି।

## ନାଗାବଳି ନଦୀ ଦୁଇପାର୍ଶ୍ୱରେ ନିର୍ମାଣ ହେଉଥିବା ପଥର କାର୍ଯ୍ୟ ନିମ୍ନମାନର ଅଭିଯୋଗ

**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ନାଗାବଳି ନଦୀ ଦୁଇପାର୍ଶ୍ୱରେ ନିର୍ମାଣ ହେଉଥିବା ପଥର କାର୍ଯ୍ୟ ଅତି ନିମ୍ନମାନର ହେଉଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ବନ୍ୟାରେ ନଦୀକୂଳ ଖାଇବା ସହ ଗ୍ରାମମାନଙ୍କରେ ବନ୍ୟା ଜଳ ପଶି ଧନସମ୍ପଦ ନଷ୍ଟ ହୋଇଥିବାରୁ ଏହି କାର୍ଯ୍ୟ କରି ବନ୍ୟାକୁ ରୋକିବା ପାଇଁ ଜଳସମ୍ପଦ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରି କାର୍ଯ୍ୟ କରାଯାଉଛି। ଏହି ବ୍ଲକର ବୁଢ଼ାଗୁଡା ପଞ୍ଚାୟତ କୁମାରଗୁଡା ଗ୍ରାମର ପଛପଟ ନାଗାବଳି ନଦୀକୂଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୬କୋଟି ଟଙ୍କାରୁ ଅଧିକ ବ୍ୟୟରେ ପଥର କାର୍ଯ୍ୟ



କରାଯାଉଛି। ଏହି କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବାରୁ ସ୍ଥାୟୀତ୍ୱକୁ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ। ନଦୀ କୁଳ ଖାଉଥିବାରୁ ବିଭିନ୍ନ ସମୟରେ ନଦୀ ଗ୍ରାମ ଭିତରେ ପଶିବା ସହ ଗତି ପଥ ବଦଳାଇ ଦେଉଥିବାରୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯାଉ ଥିଲେ ମଧ୍ୟ କୌଣସି ସ୍ଥାନରେ ସୂଚନା ଫଳକ ଲଗା ଯାଇନଥିବାରୁ ଲୋକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣା ପଡୁଛି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଚାଲିଥିବା ଅଭିଯୋଗ ହୋଇଛି। ନଦୀକୂଳରେ ପଥର ପକାଇବା ବେଳେ ପଥର ନ ଖଷିବା ପାଇଁ କୂଳରେ ତିନି ଫୁଟ ଖୋଲି ପଥର ସଜାଇ ରଖିବା କଥା କିନ୍ତୁ ସେମିତି କିଛି କରୁନାହାନ୍ତି ଠିକାଦାର। ବର୍ଷା ଦିନରେ ନଦୀରେ ପାଣି ବଢ଼ିବା ପରେ ପଥର ଖସି ନଦୀରେ ଲୀନ ହୋଇଯିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ପଥର ପେକିଙ୍ଗ ସମୟରେ ଉନ୍ନତ ମାନର କାର୍ଯ୍ୟ କରୁନଥିବାରୁ ବିଭିନ୍ନ ସ୍ଥାନରେ ପଥର ଦବିଯାଇ ଭାଙ୍ଗିରୁଜି ଗଲାଣି। ବର୍ଷା କାଳ ନ ଆସିବା ପୂର୍ବରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ବେଳେ କାର୍ଯ୍ୟ ଶେଷ ହେବା ବେଳକୁ କଣ ଥିବ କି ନାହିଁ ତାହା ସନ୍ଦେହେ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି।

## ୨ଗଞ୍ଜେଇ ଚାଲାଣକାରୀଙ୍କ ସହ ୩ ଗିରଫ




**ସୋରଡ଼ା,(ଡିକେ ନ୍ୟୁଜ୍):** ବିଶେଷ ସୂତ୍ରରୁ ଖବର ପାଇ ସୋରଡ଼ା ଟୋଲ ଗେଟ ନିକଟରେ ଏକ ନୀଳ ରଙ୍ଗର ଜୁପିଟର ସ୍କୁଟି ଗାଡ଼ିରେ ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ଅବକାରୀ ବିଭାଗ। ଆଜି ଦିନ ଦୁଇ ପ୍ରହରରେ ସ୍କୁଟି ଗାଡ଼ିରେ ଗଞ୍ଜେଇ ନେଇ କନ୍ଧମାଳରୁ ନେଇ କାରବାର କରୁଥିବାର ସୂଚନା ପାଇ ସୋରଡ଼ା ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ପ୍ରଣୟ ନାୟକ, ଯୁବରାଜ ପ୍ରଧାନ। ଦୁଇ ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ନେଇ ଯାଉଥିବା ସ୍କୁଟି ଗାଡିଟିକୁ ମଧ୍ୟ ଜବତ କରିଛି। ସୋରଡ଼ା ଅବକାରୀ ବିଭାଗ ଖାଲି ସେତିକି ନୁହଁ, ଆଉ ଜଣେ ମଦ ମାଫିଆ ସିମାଞ୍ଚଳ ସେଠୀଙ୍କ ଠାରୁ ୨୦ ଲିଟର ରନ୍ଧା ମଦ ଜବତ କରି ଦଶମାଇଲ ଛକରୁ ଗିରଫ କରିଛି ସୋରଡ଼ା ଅବକାରୀ ବିଭାଗ। ଆଜିର ଏହି ଚଢ଼ାଉରେ ସୋରଡ଼ା ଅବକାରୀ ଥାନା ଅଧିକାରିଣୀ ସୁଶ୍ରୀ ଦେବସ୍ମିତା ନାୟକଙ୍କ ସହ ଏ ଏସ ଆଇ ଶ୍ରୀ ସୁରେନ୍ଦ୍ର ପଣ୍ଡା, ଶ୍ରୀ ମିଥୁନ ବିଶ୍ୱାଳ, ଜୀବନ ଦାସ, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଜିତ ସାହୁ ଓ ଅନ୍ୟ ଷ୍ଟାଫ୍‌ମାନେ ଯୋଗ ଦେଇଥିଲେ। ସୋରଡ଼ା ଅବକାରୀ ବିଭାଗ ତରଫରୁ ବାରମ୍ବାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ ମାଫିଆ ମାନଙ୍କ ନିଦ ହଜିଯାଇଛି। କେତେବେଳେ ଗଞ୍ଜେଇ, ତ କେତେବେଳେ ବେଆଇନ ମଦ ଭାଟିରେ ଅବକାରୀ ବିଭାଗ ତରଫରୁ ଚଢ଼ାଉ ଜାରି ରହିଛି। ଉକ୍ତ ଧାରାଯାଇଥିବା ଚୋର ଚାଲାଣ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୫ହଜାର ହେବ ବୋଲି ଅବକାରୀ ଥାନା ଅଧିକାରିଣୀ ସୁଶ୍ରୀ ନାୟକ ଦେଇଥିବା ସୂଚନାରୁ ପ୍ରକାଶ। ଉକ୍ତ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ପି. ଆର. ନଂ ୪୨/୨୦୨୫-୨୬ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସରଣ୍ଡା ଜଙ୍ଗଲରୁ ୧ କ୍ୱିଣ୍ଟାଲ ବିସ୍ଫୋରକ ଜବତ



**ରାଉରକେଲା,(ଡିକେ ନ୍ୟୁଜ୍):** ସରଣ୍ଡା ଜଙ୍ଗଲର ତିରିଲିପୋଷି ଓ ବିଟିକିଲିସୋୟା ମଝିରେ ଥିବା ଏକ ସ୍ଥାନରୁ ୧କୁଇଣ୍ଟାଲ ବିସ୍ଫୋରକ ଜବତ ହୋଇଛି। ମାଓବାଦୀମାନେ ଏହି ବିସ୍ଫୋରକକୁ ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ। ସୁରକ୍ଷାବାହିନୀର ଯବାନମାନେ ଶନିବାର ଭୋରୁ ସର୍ଚ୍ଚ ଅପରେସନ କରି ଜବତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ଜବତ ହେଲାଣି। ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରୁ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ସିଆରପିଏଫ୍, କୋବ୍ରା, ଏସଓଜି ଏବଂ ଡିଭିଏଫ୍ ଯବାନମାନେ ସନ୍ଧାନୀ କୁକୁର ସହାୟତାରେ ମିଳିତ ଭାବେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଶନିବାର ଭୋର ସମୟରେ ତିରିଲିପୋଷି ଓ ବିଟିକିଲିସୋୟା ମଝିରେ ଥିବା ଘଞ୍ଚ ଜଙ୍ଗଲରେ ମାଟି ତଳେ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖାଯାଇଥିବା ସନ୍ଧାନ ପାଇଥିଲେ। ବିସ୍ଫୋରକ ଜବତ ହୋଇଥିବା ସ୍ଥାନର ଆଖପାଖ ଅଞ୍ଚଳରେ ସୁରକ୍ଷା ବାହିନୀ ସର୍ଚ୍ଚ ଅଭିଯାନ ଚଳାଇଛି। ଜବତ ବିସ୍ଫୋରକ ପ୍ରାୟ ୧ କୁଇଣ୍ଟାଲ ହେବ ବୋଲି ଜଣେ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। କହିରଖୁ କି, ଗତ ମାସ ୨୭ ତାରିଖରେ ମାଓବାଦୀମାନେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନରୁ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ବର୍ତ୍ତମାନ ସୁଦ୍ଧା ୪ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ଜବତ ହେଲାଣି।

## ଦୁଇ ନାବାଳିକା ଦୁଷ୍କର୍ମ ଘଟଣାରେ ୪ ଗିରଫ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗୋଳନ୍ଥରା ଥାନା ଇଲାକାରେ ଦୁଇ ଜଣ ନାବାଳିକାଙ୍କୁ ଗଣ ଦୁଷ୍କର୍ମ ଘଟଣାରେ ୪ଜଣ ଯୁବକ ସମ୍ପୃକ୍ତି ଥିବା ଅଭିଯୋଗ ପରେ ପୁଲିସର ୪ଜଣଙ୍କୁ ଗିରଫ କରିଛି। ଗୋଳନ୍ଥରା ପୁଲିସ. ଗୋଳନ୍ଥରା ଥାନା ଇଲାକାରେ ଦୁଇ ଜଣ ନାବାଳିକାଙ୍କୁ ଗଣ ଦୁଷ୍କର୍ମ ଅଭିଯୋଗ ପରେ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଘଟଣାରେ ୪ଜଣ ଯୁବକ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ପରିବାର ଲୋକ ଜାଣିବା ପରେ ଥାନାରେ କରିଲେ ଅଭିଯୋଗ ହୋଇଥିଲା। ବିଭିନ୍ନ ସ୍ଥାନରେ ଦୁଷ୍କର୍ମ ହୋଇଥିବା ଜଣାପଡିଛି। ୩ ତାରିଖର ଘଟଣା ବୋଲି ସାମ୍ବାଦିକ ସମ୍ମିଳନୀରେ ଏସପି କହିଛନ୍ତି। ପୋକ୍ସୋ ଆଇନ ଏବଂ ବିଏନଏସ ୭୨ରେ ମାମଲା ରୁଜୁ ହୋଇଥିବା ଏସ. ପି କହିଛନ୍ତି। ଦୁଷ୍କର୍ମକାରୀ ଜଣେ ନାବାଳିକାଙ୍କ ଭଲ ବନ୍ଧୁ ଥିଲା। ୧୪ ବର୍ଷିଆ ନାବାଳିକା ତାଙ୍କ ମାଆଙ୍କ ମୋବାଇଲରେ ୨୧ ବର୍ଷିଆ ଯୁବକ ସହ ବନ୍ଧୁ ଭାବେ ସମ୍ପର୍କ ରଖିଥିଲା। ଅଭିଯୋଗକାରୀଙ୍କ ଭଉଣୀର ୧୩ ବର୍ଷିଆ ନାବାଳିକା ଅନ୍ୟ ନାବାଳିକାଙ୍କ ସାଙ୍ଗଥିଲା। ଏହାର ସୁଯୋଗ ନେଇ ଅନ୍ୟ ଜଣେ ନାବାଳିକା ସାଥି ହୋଇଥିଲା। ଏହାର ସୁଯୋଗ ନେଇ ୪ ଜଣ ଯୁବକ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ନେଇ ଜଣାପଡ଼ିଥିବା କହିଛନ୍ତି ବ୍ରହ୍ମପୁର ଏସ୍‌ପି।

# ବୌଦ୍ଧ ଜିଲ୍ଲାରେ ଦୁଇ ବର୍ଷରେ ୬ ବାଘ ଛାଲ ଜବତ



**ବୌଦ୍ଧ,(ଡିକେ ନ୍ୟୁଜ୍):** ବୌଦ୍ଧଜିଲ୍ଲାରେ ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର । ଜିଲ୍ଲାରେ କେତେବେଳେ ଦାନ୍ତ ପାଇଁ ଦନ୍ତା ହାତୀକୁ ଶୀକାର କରାଯାଉଛି ତ ଆଉ କେତେବେଳେ ମାଂସ ପାଇଁ ବାରହା, କୁଟୁରା, ହରିଣ ଆଦି ବନ୍ୟଜନ୍ତୁକୁ ଶିକାର କରାଯାଉଥିବାର ଅଭିଯୋଗ ହେଉଛି । ହେଲେ ବନ ବିଭାଗ ଏହାର ଟେର ପାଉନାହିଁ। ଯାହାଫଳରେ ଜିଲ୍ଲାରେ ଅବାଧରେ ବନ୍ୟଜନ୍ତୁଙ୍କୁ ଶିକାର କରାଯାଉଛି । ଏପରିକି ଜିଲ୍ଲାରେ ବିଭିନ୍ନ ସମୟରେ କଲରାପତରିଆ ବାଘ ଛାଲ କାରବାର ହେଉଥିବା ବେଳେ ଏସଟିଏଫ୍ ପକ୍ଷରୁ ଚଢଉ କରାଯାଇ ବାଘଛାଲ ଜବତ କରୁଥିବାରୁ ଜିଲ୍ଲାରେ ବାଘ ଶିକାରୀ ସକ୍ରିୟ ଥିବା ସନ୍ଦେହ କରାଯାଉଛି । ସୂଚନା ମତେ, ଜିଲ୍ଲାରେ ଦୁଇ ବର୍ଷରେ ୬ଟି ବାଘ ଛାଲ ଜବତ ହୋଇଥିବା ବେଳେ ୫ ଜଣକୁ ଗିରଫ କରିଛି ଏସଟିଏଫ । ୨୦୨୩ ମସିହାରେ ୩ଟି ବାଘ ଛାଲ ଜବତ ହୋଇଥିବା ବେଳେ ୨୦୨୪ ମସିହାରେ ୨ଟି ବାଘ ଛାଲ ଜବତ ହୋଇଛି । ଏବଂ ୨୦୨୫ରେ ଗୋଟିଏ ବାଘ ଛାଲ ଜବତ ହୋଇଛି । ସୂଚନା ମତେ, ୨୦୨୩ ମସିହାରେ ବୌଦ୍ଧ-ସୋନପୁର ମର୍ଜାଡିପୁର ନିକଟରେ ବାଘଛାଲ ଡିଲ ହେଉଥିବା ବେଳେ ଏସଟିଏଫ୍ ପକ୍ଷରୁ ଚଢଉ କରାଯାଇ ଦୁଇଟି ବାଘ ଛାଲ ଜବତ କରିଥିଲା । ସେଥିମଧ୍ୟରୁ ଗୋଟିଏ ମହାବଳ ବାଘ ହୋଇଥିବା ବେଳେ ଅନ୍ୟଟି କଲରାପତରିଆ ବାଘ ଛାଲକୁ ଜବତ କରିଥିବା ବେଳେ ଜଣକୁ ଗିରଫ କରାଯାଇଥିଲା । ସେହିଭଳି ଉକ୍ତ ବର୍ଷ ମାର୍ଚ୍ଚ ମାସରେ ହରଭଙ୍ଗା-ଚତ୍ରଙ୍ଗ ରାସ୍ତାରେ ଡିଲ ବେଳେ ଏସଟିଏଫ ଗୋଟିଏ କଲରାପତରିଆ ବାଘ ଛାଲ ସହିତ ୨ଟି ହରିଣ ଛାଲ ଜବତ କରିବା ସହିତ ଏହି ମାମଲାରେ ଜଣକୁ ଗିରଫ କରାଯାଇଥିଲା। ସେହିପରି ୨୦୨୪ରେ ଦୁଇଟି ବାଘ ଛାଲ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୨ ଜଣକୁ ଗିରଫ କରିଥିଲା । ବୌଦ୍ଧ- ଫୁଲବାଣୀ ରାସ୍ତାର ରାଣୀପଥର ଗ୍ରାମ ନିକଟରେ ଏକ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ ହେଉଥିବା ବେଳେ ଏସଟିଏଫ ଚଢଉ କରି ବାଘ ଛାଲକୁ ଜବତ କରିବା ସହିତ କନ୍ଧମାଳ ଜିଲ୍ଲାର ଜଣକୁ ଗିରଫ କରିଥିଲା । ସେହିପରି ଡିସେମ୍ବର ମାସରେ ମନମୁଣ୍ଡା-ଶଗଡା ମେହେରୁଣୀ ନାଳ ନିକଟରେ କଲରାପତରିଆ ବାଘ ଛାଲ ଡିଲବେଳେ ଏସଟିଏଫ ଟିମ ଚଢଉ କରି ବାଘ ଛାଲକୁ ଜବତ କରିଥିବା ବେଳେ ଜଣକୁ ଗିରଫ କରିଥିଲା । ସେହିପରି ମାଧପୁର ରେଂଜ ପୋଢହଲ ଜଙ୍ଗଲରେ ବୌଦ୍ଧ ବନ ବିଭାଗ ଏକ କଲରାପତରିଆ ବାଘର ଗଳିତ ମୃତଦେହକୁ ଜବତ। ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ସୂଚନା ଦେଇଥିଲା। ଚଳିତ ବର୍ଷ ଜାନୁଆରି ମାସରେ ମନମୁଣ୍ଡା-କନ୍ଧମାଳ ରାସ୍ତାରେ ବାଘଛାଲ ବିକ୍ରି ପାଇଁ ଡିଲ ହେବା ପୂର୍ବରୁ ଏସଟିଏଫ ଟିମ ଚଢଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ ହୋଇଥିବା ବେଳେ ଜଣକୁ ଗିରଫ କରିଥିଲା ଏସଟିଏଫ। ହେଲେ ଏହି ବାଘଛାଲ ଗୁଡିକୁ ଜିଲ୍ଲାରେ ଥିବା ଜଙ୍ଗଲରୁ ଶୀକାର କରାଯାଇଛି ନା ବାହାର ଜିଲ୍ଲାରେ ଶୀକାର କରାଯାଇ ତାହାର ଚମଡାକୁ ଏଠାକୁ ଆଣି ବିକ୍ରି କରାଯାଉଛି ତାହା ଜଣାପଡିନାହିଁ। ରାଜ୍ୟରେ ଦିନକୁ ଦିନ ବାଘ ବଂଶ ଲୋପ ପାଇ ଆସୁଥିବାରୁ ସରକାର ବାଘ ବଂଶ ବୃଦ୍ଧି ପାଇଁ ବାଘ୍ର ସଂରକ୍ଷଣ କରୁଥିବା ବେଳେ ଯେଉଁ ଭଳି ଭାବରେ ବାଘ ଶିକାର କରାଯାଉଛି। ଯଦି ଏଥିପ୍ରତି ସରକାର କଡା ଅଭିମୁଖ୍ୟ ଗ୍ରହଣ ନ କରନ୍ତି ତାହାହେଲେ ବାଘ ବଂଶ ଭବିଶ୍ୟତରେ ସଂପୁର୍ଣ୍ଣ ଲୋପ ପାଇଯିବାର ସମ୍ଭାବନାର ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି।

## ବାଫଲିମାଳି ଖଣି ପକ୍ଷରୁ ବିଶ୍ୱ ପରିବେଶ ଦିବସ



**କାଶୀପୁର,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଉତ୍କଳ ଆଲୁମିନା, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ, ବାଫଲିମାଳି ଖଣି ବିଭାଗ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗତ ଦୁଇଦିନରୁ ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ପର୍କିତ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କ ଦ୍ୱାରା ପରିବେଶ ସୁରକ୍ଷା ସଂକ୍ରାନ୍ତରେ ଲିଖିତ ବାର୍ତ୍ତା କର୍ମଚାରୀ ଓ ଅନ୍ୟ ବ୍ୟାସାୟିକ ସହଯୋଗୀଙ୍କ ଉଦ୍ଦେଶ୍ୟରେ ପଠନ କରାଯାଇଥିଲା। ପ୍ରଥମ ଦିନରେ ଖଣି ବିଭାଗ ତରଫରୁ ସଚେତନତା ଉଦ୍ଦେଶ୍ୟରେ ବାଫଲିମାଳି ଖଣି ସୁରକ୍ଷା ଗେଟ ନିକଟରେ ସୁରକ୍ଷାକର୍ମୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ଓ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ଖଣି ୱାର୍କସପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁ ପାଇଁ ହୋଇଥିବା ପରିବେଶ ପ୍ରଦୂଷଣ ସଂକ୍ରାନ୍ତରେ କର୍ମଚାରୀଙ୍କୁ ବୁଝାଇବା ସହ ଏହାର ସଠିକ ପରିଚଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପ୍ରତି ସବୁଜ ପରିବେଶର ଉପକାରିତା ଓ ସାମୁହିକ ପ୍ଲାଷ୍ଟିକ ଆବର୍ଜନା ବର୍ଜନ ସକାଶେ ଆହ୍ୱାନ ଦିଆଯାଇଥିଲା । ଏହାପରେ ଖଣି ପ୍ରଶାସନିକ ବୁଲଡିଂ ଠାରେ ସଫେଇ କର୍ମଚାରୀଙ୍କ ମଧ୍ୟରେ ସଫେଇ ସମ୍ବନ୍ଧୀୟ ଉପକାରିତା ସହ ପରିବେଶ ସୁରକ୍ଷା ସବୁଜିମା ସମ୍ପର୍କରେ ବୁଝାଯାଇଥିଲା। ସେହିଭଳି ଦ୍ୱିତୀୟ ଦିନରେ ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ବାର୍ତ୍ତା ନେଇ ଏକ ବିରାଟ ଶୋଭାଯାତ୍ରା ଖଣି ପରିସରରେ ଆୟୋଜନ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଖଣି ପ୍ରଶାସନିକ କାର୍ଯ୍ୟାଳୟ ଠାରୁ ବାହାରି ପରବର୍ତ୍ତୀ ମୁହୂର୍ତ୍ତରେ ଷ୍ଟାଡିଅମ ଠାରେ ପହଞ୍ଚିଥିଲା। ଏହି ଅବସରରେ କାଶୀପୁର ଆରଏଫଓ ଅନ୍ତର୍ଯ୍ୟାମୀ ସାହୁ ଓ ଖଣି ମୁଖ୍ୟ ବିଜୟ ଚୌହାନ ଉଦ୍‌ବୋଧନ ଦେଇ ପ୍ଲାଷ୍ଟିକ ଆବର୍ଯ୍ୟନ କୁପରିଣାମ ସମ୍ପର୍କରେ ପ୍ରକାଶ କରିଥିଲେ ଓ ଏହାକୁ ସମ୍ପୂର୍ଣ୍ଣ ଭାବେ ତ୍ୟାଗ କରିବା ସକାଶେ ମତବ୍ୟକ୍ତ କରିଥିଲା ପରବର୍ତ୍ତୀ ପର୍ଯ୍ୟାୟରେ ପରିବେଶ ସୁରକ୍ଷାକୁ ନେଇ ସାମୁହିକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଶେଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନବ ବିବାହିତାଙ୍କ ମୃତ୍ୟୁ : ହତ୍ୟା ଅଭିଯୋଗ ଆଣିଲେ ପରିବାର



**ଧର୍ମଗଡ଼,(ଡିକେ ନ୍ୟୁଜ୍):** ବିବାହକୁ ୩ ମାସ ମଧ୍ୟ ପୁରିନାହିଁ, ମନରେ ଅସୁମାରୀ ସ୍ୱପ୍ନ ଓ ଏକ ସୁନ୍ଦର ଘର ଗଢିବାକୁ ଯେଉଁ ହୋମ ନିଆଁରେ ଦୁହେଁ ଅଗ୍ନିକୁ ସାକ୍ଷୀ ରଖି ସାତ ଜନମର ସାଥି ହେବାକୁ ଶପଥ ନେଇଥିଲେ, ହେଲେ ବିବାହର ୩ ମାସ ନ ପୁରୁଣୁ ସବୁ ସ୍ୱପ୍ନ ବାସ୍ତବତାର ରୂପ ନେବା ପୂର୍ବରୁ ଅଧାରେ ରହିଗଲା। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଲି ଗ୍ରାମର ଲିଙ୍ଗରାଜ ବାଗକୁ କାଉଡୋଳା ଗ୍ରାମର ମାଳତୀ ଛାତ୍ରୀଆ ଗତ ମାର୍ଚ୍ଚ ମାସ ୮ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ କୌଣସି କାରଣକୁ ନେଇ ଲିଙ୍ଗରାଜ ପତ୍ନୀଙ୍କ ଉପରେ ଗାଳିଗୁଲଜ ଓ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ତେବେ ଧୀରେ ଧୀରେ ନିର୍ଯାତନା ସୀମା ଲଙ୍ଘିବା ସହ ଅସହ୍ୟ ହୋଇ ପଡ଼ିଲା। ତେବେ ଗତକାଲି ବାଇକରେ ମେଡ଼ିକାଲ ନେବା ବାଟରେ ବାଇକରୁ ପଡି ମାଳତୀ ଗୁରୁତର ହେବାପରେ ପ୍ରଥମେ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଓ ପରେ ବୁର୍ଲା ନେବା ବାଟରେ ମାଳତୀଙ୍କ ମୃତ୍ୟୁ ହୋଇଥିଲା। ପରେ ପରିବାର ଲୋକେ ଶବ ନେଇ ଗାଁ କୁ ଫେରି ଝିଅ ବାପଘରକୁ ଖବର ଦେଇଥିଲେ। ତେବେ ମୃତା ମାଳତୀଙ୍କ ବାପା ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ନେଇ କୋକସରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣା ସ୍ଥଳରେ କୋକସରା ପୋଲିସ, ମାଜିଷ୍ଟ୍ରେଟ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛେଦ ପାଇଁ କୋକସରା ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ପ୍ରକୃତ ଘଟଣା ସାମନାକୁ ଆସିବ ବୋଲି ପୁଲିସ ପକ୍ଷରୁ ସୂଚନା ଦେଇଛନ୍ତି।

## ବରଗଡ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଇଦ୍ ଉଲ ଜୁହା ପାଳିତ



**ବରଗଡ଼,(ଡିକେ ନ୍ୟୁଜ୍):** ତ୍ୟାଗ ଓ ବଳିଦାନର ପର୍ବ ଉଦ୍-ଉଲ-ଜୁହା ସମଗ୍ର ବିଶ୍ୱରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବା ବେଳେ ବରଗଡରେ ମଧ ଅନୁରୂପ ଙ୍ଗରେ ପାଳନ ହୋଇଛି। ଆଲ୍ଲାଙ୍କ ନିକଟରେ ନିଜକୁ ସମର୍ପଣ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଆଜି ନିଷ୍ଠାର ସହ ଏହି ପର୍ବକୁ ପାଳନ କରିଥିଲେ ସମସ୍ତ ମୁସଲମାନ ଧର୍ମାବଲମ୍ବୀ। ଇଦ୍-ଉଲ-ଜୁହା ଇସ୍ଲାମିକ ସମାଜରେ ବଳିଦାନ ଦିବସ ରୂପେ ପରିଚିତ ହୋଇ ଥିବା ବେଳେ ଉକ୍ତ ଦିବସରେ ଇସଲାମ ଧର୍ମର ଅନୁଗତମାନେ ମହାପୁରୁଷ ହଜରତ ଇବ୍ରାହିମଙ୍କ ବଳିଦାନକୁ ସ୍ମରଣ କରି ଏହି ପର୍ବ ପାଳନ କରିଆ'ନ୍ତି। ଏହି ପରିପେକ୍ଷୀରେ ବରଗଡ ମୁସଲିମ ସମ୍ପ୍ରଦାୟର ସମସ୍ତ ଭାଇମାନେ ଡେମ କଲୋନୀ ସ୍ଥିତ ଇଦଗାହ ପଡିଆରେ ଏକତ୍ରିତ ହୋଇ ବରଗଡ ସୁନ୍ନି ବରେଲବୀ ଜାମା ମସଜିଦର ମୌଲାନା ମହମ୍ମଦ କିସମତ ଅଳି ରିଜବୀଙ୍କ ଅଧ୍ୟକ୍ଷତାରେ ଇଦ ଉଲ ଜୁହାର ବିଶେଷ ନମାଜକୁ ସାମୂହିକ ଭାବରେ ପାଠ କରିଥିଲେ। ଆଜି ଦିନର ମହ□ ସମ୍ପର୍କରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟକୁ ଅବଗତ କରାଇ ଥିଲେ ଏବଂ ମିଳିତ ଭାବରେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରି ଥିଲେ। ଏହା ପରେ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ନି ଜାମା ମସଜିଦ କମିଟି ସଭାପତି ଶେଖ ଅସଗର, ସଂପାଦକ ଏମଡି ନିଜାମ, ଏମଡି ନଇମ, ଜାନିସାର ଅଂସାରୀ, ମହମ୍ମଦ ଭିକି, ଶେଖ ନଜିମୁଦ୍ଦିନ, ମହମ୍ମଦ ନଇମ, ଶେଖ ନସିମୁଦ୍ଦିନ, ଗୁଲାମ ଗୌସ, ଗୁଲାମ ରସୁଲ, ମହମ୍ମଦ ଅସ୍କାଲାନି, ଶେଖ ଜାଫର, ଶେଖ ସବଦର, ଶେଖ ମୁର୍ତ୍ତୁଜା, ମହମ୍ମଦ ଆଲାଦ୍ଦିନ, ମହମ୍ମଦ ବବଲୁ, ମହମ୍ମଦ ଜମୀର, ମହମ୍ମଦ ଜିଆଉଲ୍, ସାମ୍ବାଦିକ ମହମ୍ମଦ ଅସଲମ ଏବଂ ନାସିର ଖାନ, ମୋ.ଲତିଫ, ମୋ.ଇସଲାମ, ମୋ. ମାସୁମ, ମୋ. ରାଜୁ, ମୋ.ଜାଫର ପ୍ରମୁଖ ସହଯୋଗ କରିଥିଲେ।

## ଥାନାରେ ଏସଆଇ ପଦବୀ ଖାଲି ପଡ଼ିଥିବାରୁ ଅଞ୍ଚଳବାସୀ ଚିନ୍ତାରେ

**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ):** ପୋଲିସ ବ୍ୟବସ୍ଥାକୁ ନେଇ ସମସ୍ତେ ସୁରକ୍ଷିତ ମଣିଥାନ୍ତି। କିନ୍ତୁ ପୋଲିସ ବଳ କମିଗଲେ ଆଇନ ବ୍ୟବସ୍ଥା ଭୁଶୁଡି ପଡିବ। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ୮୦ ହଜାର ଲୋକଙ୍କୁ ମାତ୍ର କେଇ ପୋଲିସ କର୍ମଚାରୀ ସମ୍ଭାଳି ଥାନ୍ତି। ଏହି ଥାନାରେ ଜଣେ ଥାନା ଅଧିକାରୀ ଥିବା ବେଳେ ଦୁଇଜଣ ଏସ ଆଇ ରହିବା କଥା କିନ୍ତୁ ମାତ୍ର ଜଣେ ନିଯୁକ୍ତି ପାଇ ଛୁଟିରେ ପୂର୍ବ ସ୍ଥାନର କାର୍ଯ୍ୟ କରିବା ପାଇଁ ଚାଲି ଯାଇଥିବାରୁ ଅଧିକାରୀଙ୍କ କାର୍ଯ୍ୟ ଶୂନ୍ୟ ହୋଇ ପଡିଛି। ଏହି ଥାନାରେ ପୂର୍ବରୁ ଦୁଇଜଣ ଏସଆଇ କାର୍ଯ୍ୟ କରୁଥିଲେ। କିନ୍ତୁ ଜିଲ୍ଲା ଆରକ୍ଷୀ ଅଧକ୍ଷକ ଜଣଙ୍କୁ ନିଯୁକ୍ତି ଦେଇ ଥିବାରୁ ଥାନା ଏସ ଆଇଙ୍କ ସ୍ଥାନ ଖାଲି ପଡି ରହିଥିବାରୁ କାର୍ଯ୍ୟ ଅଚଳା ଅବସ୍ଥା ସୃଷ୍ଟି ହୋଇଥିବାରୁ ଧୀରେ ଧୀରେ ସୁଧରୁଥିବା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ଏଣୁ ନୂତନ ଏସଆଇଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ୧୭ ତମ ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି




**ଜଟଣୀ ,(ଡିକେ ନ୍ୟୁଜ୍):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଚଳିତ ୨୦୨୫ ବର୍ଷର ୧୭ ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ନିଜ ଅଭିଭାଷଣରେ କହିଲେ ଯେ ରଜ ମହୋତ୍ସବ ଖୋର୍ଦ୍ଧାର ଗୋଟିଏ ସମ୍ମାନଜନକ ପାରମ୍ପାରିକ ପର୍ବ ଓ ମା' ବରୁଣେଇଙ୍କ ଉତ୍ସବ ଅଟେ। ଖୋର୍ଦ୍ଧା ଜିଲ୍ଲାର ଏହି ପାରମ୍ପାରିକ ରଜ ମହୋତ୍ସବ ପାଳନକୁ ମହାକୁମ୍ଭରେ ପରିଣତ କରିବାକୁ ହେଲେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନର ସହଯୋଗ ଏବଂ ସମସ୍ତ ଖୋର୍ଦ୍ଧା ଅଞ୍ଚଳବାସୀଙ୍କ ଆନ୍ତରିକ ଉଦ୍ୟମ ନିତ୍ୟାନ୍ତ ଆବଶ୍ୟକ ବୋଲି ଉଦବୋଧନ ଦେଇ ଖୋର୍ଦ୍ଧାର ଏହି ପାରମ୍ପାରିକ ରଜ ମହୋତ୍ସବକୁ ଆଡମ୍ବର ସହକାରେ ପାଳନ କରି ଦୃଷ୍ଟାନ୍ତ ସୃଷ୍ଟି କରିବାସହ ଖୋର୍ଦ୍ଧା ମାଟିର ଐତିହ୍ୟ ଓ ପରମ୍ପରା ଏବଂ ସାଂସ୍କୃତିକ ବୈଭବ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ମା' ବରୁଣେଇଙ୍କ ମହିମା ଯୋଗୁ ଆଜି ରଜ ମହୋତ୍ସବ ୧୭ ବର୍ଷରେ ପଦାର୍ପଣ କରିଥିବାରୁ ଖୁସି ବ୍ୟକ୍ତ କରି ସମସ୍ତେ ମିଳିମିଶି ଖୋର୍ଦ୍ଧାର ଏହି ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବାକୁ ମତବ୍ୟ। କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ମାନ୍ୟବର ଖୋର୍ଦ୍ଧା ବିଧାୟକଙ୍କୁ ସଭାପତି ଭାବେ ନେଇ ଏକ କମିଟି ଗଠନ କରାଗଲା । ସଭାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। କମିଟିର ଆବାହକ ଦିଶାନ୍ତ ସ୍ୱେଚ୍ଛାସେବୀ ସଂଗଠନ ସାଧାରଣ ସମ୍ପାଦକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ରଖିଥିଲେ। ଏହି ବରୁଣେଇ ରଜ ମହୋତ୍ସବ ଉତ୍ସବକୁ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥି ପାଇଁ ଖୋର୍ଦ୍ଧା ୱାଟକୋ ଓ ପୌର ପରିଷଦ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଆଲୋକୀ କରଣ ସହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକି କରଣ କରାଯିବ। ମନ୍ଦିର ପାର୍ଶ୍ୱରେ ସ୍ଥାନ ପରିଷ୍କାର ଆଲୋକି କରଣ ବ୍ୟବସ୍ଥା ପୌରପରିଷଦ ପକ୍ଷରୁ ସମ୍ପାଦିତ ହେବ। ମନ୍ଦିରରେ ରଙ୍ଗ ଦେବା କାର୍ଯ୍ୟ ପୂର୍ତ୍ତ ବିଭାଗ କରିବେ। ପଲ୍ଲୀଶ୍ରୀ ମେଳାରେ ଟ୍ୟାଙ୍କର ଓ ସିନଟେକ୍ସ ମାଧ୍ୟମରେ ୱାଟକୋ ପାନୀୟ ଜଳ ଯୋଗାଇ ଦେବେ। ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ବ୍ୟବସ୍ଥା, ଅଗ୍ନିଶମ ସେବା, ଟିପିସିଓଡିଏଲ ତରଫରୁ ୩ ଫେଜ୍ ବିଜୁଳି ଯୋଗାଣ, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ କୋଭିଡ ସଚେତନତା କାର୍ଯ୍ୟ ସମ୍ପାଦିତ କରିବାକୁ ଅଧ୍ୟକ୍ଷ ସଂପୃକ୍ତ ବିଭାଗ ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଓରମାସ ତରଫରୁ ଷ୍ଟଲ୍ ଯୋଗାଇ ଦେବା ତଥା କୃଷି, ଶିକ୍ଷା, ମତ୍ସ୍ୟ, ପଶୁସମ୍ପଦ, ଆତ୍ମା, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ବିଭିନ୍ନ ପ୍ରତିଯୋଗିତା ଯଥା ରଜଦୋଳି, ରଜପାନ ଭଙ୍ଗା, ହୁଳହୁଳି, ରଜ ପିଠା, ଝୋଟି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ କ୍ଷପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ, ଖାଦ୍ୟପେୟ ଷ୍ଟଲ୍, ନିଶାଦ୍ରବ୍ୟ ପରିଣାମ ସଚେତନତା ଷ୍ଟଲ୍ ଆଦି ଖୋଲାଯିବାକୁ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖାଦ୍ୟ ଦ୍ରବ୍ୟ ଯାଞ୍ଚ ପାଇଁ ଖାଦ୍ୟ ନିରୀକ୍ଷକ ନିଯୁକ୍ତି ପ୍ରତି ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିବା ବେଳେ ଆତସବାଜି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ନିଷିଦ୍ଧ କରିଛନ୍ତି। ସର୍ବୋପରି ରଜ ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସରେ, ଖୋର୍ଦ୍ଧାର ଭାଇଚାରା ବାଜାୟ ରଖି ସଫଳ କରିବାକୁ ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ଖୋର୍ଦ୍ଧାବାସୀଙ୍କ ସହଯୋଗ କାମନା କରିଥିଲେ।





# ଡିସେମ୍ବରରେ ହୋଇଥିଲା ଅପରେସନ୍, ଆଇପିଏଲରେ କଲେ ଧମାଲ୍



**ଅହମ୍ମଦବାଦ, ୭/୬ (ହି.ସ):** ସାଇ ସୁଦର୍ଶନ ସଫଳତା କଣ ଏହି ଖେଳାଳି ତାହା ପ୍ରମାଣ କରିଛନ୍ତି। ଜଣେ ଅନକ୍ୟାପ୍ଡ ଖେଳାଳି ଯେ ଆଇପିଏଲ ୨୦୨୫ରେ ବଡ଼ ବଡ଼ ଖେଳାଳିଙ୍କ ପଛରେ ପକାଇ ଦେବେ ତାହା କେହି କେବେ ବିଶ୍ୱାସ କରିନଥିଲେ। ହେଲେ ଏହାକୁ ଏବେ ପ୍ରମାଣିତ କରିଛନ୍ତି ସାଇ ସୁଦର୍ଶନ। କେବଳ ଏତିକି ନୁହେଁ ୨୦୨୪ ଡିସେମ୍ବର ମାସରେ ତାଙ୍କର ଏକ ଅପରେସନ ହୋଇଥିଲା। ଆଉ ୩ ମାସ ପରେ ଆଇପିଏଲରେ ସେ ଧମାଲ କରିଥିଲେ। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ। ସାଇ ସୁଦର୍ଶନ ୨୦୨୫ ଆଇପିଏଲର ଚର୍ଚ୍ଚିତ ଚେହେରା। କାରଣ ଏହି ଖେଳାଳି ଆଇପିଏଲ ୨୦୨୫ର ଅରେଞ୍ଜ କ୍ୟାପ୍ ବିଜେତା। ଯିଏ ଏହି ଆଇପିଏଲରେ ସବୁ ଖେଳାଳିଙ୍କ ଭିତରେ ସର୍ବାଧିକ ୭୫୯ କରିଛନ୍ତି। କେବଳ ଏହି ଉପଲବ୍ଧି ନୁହେଁ ଚଳିତ ଆଇପିଏଲରେ ସୁଦର୍ଶନ ଅନେକ ଉପଲବ୍ଧି ହାସଲ କରିଛନ୍ତି। ସେ ଏମର୍ଜିଂ ପ୍ଲେୟାର, ଫାଣ୍ଟାସି କିଙ୍ଗ ଅଫ ଦ ସିଜିନ୍, ଆଉ ଏହି ସିଜିନରେ ସର୍ବାଧିକ ଚୌକା ମଧ୍ୟ ମାରିଛନ୍ତି ଏହି ଖେଳାଳି। କହିବାକୁ ଗଲେ ଏହି ଆଇପିଏଲରେ ସୁଦର୍ଶନ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ବର୍ତ୍ତମାନ ସାଇ ସୁଦର୍ଶନ ଆଇପିଏଲରେ ସବୁଠାରୁ କମ୍ ବୟସରେ ଅରେଞ୍ଜ କ୍ୟାପ ଜିତିଥିବା ଖେଳାଳି ହୋଇ ପାରିଛନ୍ତି। ଏହି ରେକର୍ଡ ପୂର୍ବରୁ ଶୁବମନ ଗିଲଙ୍କ ନାଁରେ ରହିଥିଲା। ଶୁବମନ ୨୦୨୩ରେ ଅରେଞ୍ଜ କ୍ୟାପ ଜିତିଥିଲେ, ସେତେବେଳେ ତାଙ୍କୁ ୨୩ ବର୍ଷ ୨୬୨ ଦିନ ହୋଇଥିଲା। ଆଉ ଏବେ ସାଇ ସୁଦର୍ଶନ ୨୩ ବର୍ଷ ୨୩୧ ଦିନରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଏମାନଙ୍କ ପୂର୍ବରୁ ୨୦୨୧ରେ ଋତୁରାଜ ଗାଏକ୍ୱାଡ୍ ଚେନ୍ନାଇ ପାଇଁ ଖେଳି ୨୪ ବର୍ଷ ୨୫୭ ବର୍ଷରେ ଅରେଞ୍ଜ କ୍ୟାପ ହାସଲ କରିଥିଲେ। ଆଉ ଏହି ରେକର୍ଡ କରି ସେ ୨୦୦୮ରେ ପ୍ରଥମ ଆଇପିଏଲର ରେକର୍ଡ ଭାଙ୍ଗିଥିଲେ। ଯେବେ ସନ ମାର୍ଶ ୨୪ ବର୍ଷ ୩୨୮ ଦିନରେ ଅରେଞ୍ଜ କ୍ୟାପ ଜିତିଥିଲେ। ଏବେ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି ସାଇ ସୁଦର୍ଶନ। ସାଇ ସୁଦର୍ଶନ ଏହି ଆଇପିଏଲରେ ୧୫ଟି ମ୍ୟାଚରେ ୭୫୯ ରନ୍ କରିଛନ୍ତି। ସେ ଗୋଟିଏ ଶତକ ଏବଂ ୬ଟି ଅର୍ଦ୍ଧଶତକ ମାରିଛନ୍ତି। ସେ ୨୦୨୨ ମସିହାରୁ ଆଇପିଏଲ୍ ଖେଳୁଛନ୍ତି ଏବଂ ସେବେଠାରୁ ସେ ଗୁଜରାଟ ପାଇଁ ହିଁ ଖେଳି ଆସୁଛନ୍ତି। ସେ ଏପର୍ଯ୍ୟନ୍ତ ମୋଟ ୪୦ଟି ମ୍ୟାଚ୍ରେ ୧୭୯୩ ରନ୍ କରିଛନ୍ତି। ଏଥିରେ ଦୁଇଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକ ସାମିଲ ଅଛି। ତାଙ୍କୁ ଭାରତ ପାଇଁ କେବଳ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିଲା, କିନ୍ତୁ ସେ ସେଥିରେ ବ୍ୟାଟିଂ କରି ନଥିଲେ। ଏବେ ସାଇ ସୁଦର୍ଶନଙ୍କ ଏହି ପ୍ରଦର୍ଶନ ଟିମ୍ ଇଣ୍ଡିଆ ପାଇଁ ବାଟ ଖୋଲି ଦେଇଛି। ବର୍ତ୍ତମାନ କ୍ରିକେଟ ବିଶେଷଜ୍ଞ ତାଙ୍କୁ ଟିମ ଇଣ୍ଡିଆର ଭବିଷ୍ୟତ ଭାବରେ ଦେଖୁଛନ୍ତି।

# ଟେଷ୍ଟ୍ ନେତୃତ୍ୱକୁ 'ବଡ଼ ସୁଯୋଗ' : ଗିଲ



**ମୁମ୍ବାଇ, ୭/୬ (ହି.ସ):** ରବିଚନ୍ଦ୍ରନ ଅଶ୍ୱିନ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଅବସର ପରେ ଏବେ ଭାରତୀୟ ଟେଷ୍ଟ୍ ଦଳ ଏକ ଯୁବବାହିନୀରେ ପରିଣତ ହୋଇଛି। ଏହାର ନେତୃତ୍ୱ ବି ମିଳିଛି ଯୁବ ବ୍ୟାଟର୍ ଶୁବମନ ଗିଲଙ୍କୁ। ଏହି ପରିସ୍ଥିତିକୁ କିନ୍ତୁ ସକରାତ୍ମକ ନଜରରେ ଦେଖୁଛନ୍ତି। ଗିଲ୍ କହିଛନ୍ତି 'ସେମାନଙ୍କ ସ୍ଥାନକୁ ପୂରଣ କରିବା କଷ୍ଟକର କାମ। କିନ୍ତୁ ସମାନ ସମୟରେ ଏହା ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ଆଣିଛି'। ମେ' ୭ ତାରିଖରେ ରୋହିତ ଶର୍ମାଙ୍କ ଅବସର ଘୋଷଣାର ୫ ଦିନ ପରେ (ମେ' ୧୨) ବିରାଟ କୋହଲି ବି ଏହି ଫର୍ମାଟକୁ ଛାଡ଼ି ଦେଇଥିଲେ। ଇଂଲଣ୍ଡ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ପୂର୍ବରୁ ଉଭୟଙ୍କ ଏହି ନିଷ୍ପତ୍ତି ଆସିଯାଇଥିଲା। ଇଂଲଣ୍ଡ ଗସ୍ତ ପୂର୍ବରୁ ଗିଲ୍ କହିଛନ୍ତି 'ପ୍ରତିଟି ଗସ୍ତରେ ଭାରତକୁ ଜିତିବା ନେଇ ଚାପ ରହିଥାଏ। ଦୁଇ ଅଭିଜ୍ଞ ବ୍ୟାଟର୍ ରୋହିତ ଶର୍ମା ଓ ବିରାଟ କୋହଲି ଦଳରେ ନଥିବା ଦୁର୍ଭାଗ୍ୟଜନକ କଥା। ସେମାନେ ଏତେ ମ୍ୟାଚ୍ ଜିତିଛନ୍ତି ଯେ, ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର ହେବ। ତଥାପି ଆମେ ବ୍ୟାଟିଂ ଓ ବୋଲିଂ ବିଭାଗରେ ଏକ ଭଲ ସନ୍ତୁଳନ ଦଳ ନେଇ ଯାଉଛୁ। ଏଥିରେ ଅଭିଜ୍ଞତା ଓ ପ୍ରତିଭାର ଭଲ ମିଶ୍ରଣ ବି ହୋଇଛି। ଏଭଳି ପରିସ୍ଥିତିକୁ ନେଇ ମୁଁ ଉଲ୍ଲସିତ ଅଛି, ମୋ ପାଇଁ ମଧ୍ୟ ଏହା ବଡ଼ ସୁଯୋଗ ଆଣି ଦେଇଛି। ବଡ଼ ଆହ୍ୱାନକୁ ପାଇଁ ବି ମୁଁ ପ୍ରସ୍ତୁତ'। ସୂଚନାଯୋଗ୍ୟ, ୨୫ ବର୍ଷୀୟ ଗିଲଙ୍କ ଟେଷ୍ଟ୍ ନେତୃତ୍ୱ ଅଭିଯାନ ଜୁନ୍ ୨୦ ତାରିଖରୁ ଆରମ୍ଭ ହେବ। ହେଡିଙ୍ଗଲେରେ ଇଂଲଣ୍ଡ୍ ବିପକ୍ଷ ୫ ମ୍ୟାଚ୍ ଶୃଙ୍ଖଳାର ପ୍ରଥମ ଟେଷ୍ଟ୍ ଏହି ଦିନ ଠାରୁ ଆରମ୍ଭ ହେବ।

# ବେଲପାହାଡରେ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର



**ଝାରସୁଗୁଡ଼ା, ୭/୬ (ଡିକେ ନ୍ୟୁଜ୍):** ଜିଲ୍ଲା ହକି ଆସୋସିଏସନର ସଂପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ହକି ଆସୋସିଏସନ ଝାରସୁଗୁଡ଼ା ତରଫରୁ ସ୍ଥାନୀୟ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଥିବା ଖେଳ ପଡିଆରେ ଗ୍ରୀଷ୍ମକାଳିନ ବାଳକ, ବାଳିକା ହକି ଖେଳାଳି ମାନଙ୍କର ପ୍ରଶିକ୍ଷଣ ଶିବିର ଆଜି ସକାଳ ୬ ଟା ଠାରୁ ଆରମ୍ଭ ହୋଇଛି। ଆଜି ଏହି ଶିବିରକୁ ସ୍କୁଲ ପରିଚାଳନା କମିଟିର ସଂପାଦକ କାହ୍ନୁଚରଣ ପ୍ରଧାନ ଉଦ୍ଘାଟନ କରିଛନ୍ତି। ଏହା ପ୍ରତ୍ୟହ ସକାଳ ୬ଟାରୁ ୮ଟା ଏବଂ ଅପରାହ୍ନ ୪ଟାରୁ ୬.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ୪୦ଜଣ ଖେଳାଳି ରହିଛନ୍ତି। ଜୁନ୧୩ ତାରିଖ ରେ ଏହା ଉଦ୍ୟାପିତ ହେବ। ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷ ସଂଜୟ କୁମାର ମିଶ୍ର, ଅତିରିକ୍ତ ଅଧ୍ୟକ୍ଷ ବିଜୟ କୁମାର ଗୌଡ, ପ୍ରଫୁଲ୍ଲ କୁମାର ମହାପାତ୍ର, ହମିଦ୍ କୁମାର ମହାପାତ୍ର, ଶାନ୍ତି ନାୟକ ଉପସ୍ଥିତ ଥିଲେ। ଅଭିଜ୍ଞତା ସଂପନ୍ନ ପ୍ରଶିକ୍ଷକ ଶକୁନ ନାୟକ ଓ ପ୍ରଫୁଲ କୁଲୁ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ପରିଚାଳନା ହେଉଛି ବୋଲି ଓଡିଶା ହକି ଆସୋସିଏସନର ଉପ-ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟଯେ ବର୍ତମାନ ଝାରସୁଗୁଡ଼ା ଜିଲ୍ଲାରେ ସ୍କୁଲ ଏବଂ କ୍ଲବସ୍ତରରେ ହକି ଖେଳ ପ୍ରତି ଆଗ୍ରହ ବଢିବାରେ ଲାଗିଛି। ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ ରାଜ୍ୟସ୍ତରୀୟ ୨୦୨୪ ମସିହା ଆଇ.ସି.ଏସ୍.ସିଇ ସବ-ଜୁନିୟର (୧୪ବର୍ଷ)ହକି ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲାର ତଥା ସ୍କୁଲର ସୁନାମ ଅର୍ଜନ କରିଛି।

# ଦିବ୍ୟାଙ୍ଗ କ୍ରିକେଟର ବିକ୍ରମ ସିଂହଙ୍କ ମୃତ୍ୟୁ



**ରାୟପୁର,୭/୬ (ହି.ସ):** ଛତିଶଗଡ଼ ଏକ୍ସପ୍ରେସରେ ଏକ ଭୟଙ୍କର ଘଟଣା ଘଟିଛି। ପଞ୍ଜାବର ୩୮ ବର୍ଷୀୟ ଦିବ୍ୟାଙ୍ଗ କ୍ରିକେଟର ବିକ୍ରମ ସିଂହ ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀରୁ ଗ୍ୱାଲିୟର ଯାଉଥିବା ସମୟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଯାତ୍ରା ସମୟରେ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଥିଲା। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ଜରୁରୀକାଳୀନ କଲ କରାଯାଇଥିଲା କିନ୍ତୁ ସମୟ ମଧ୍ୟରେ ଡାକ୍ତରୀ ସହାୟତା ପହଞ୍ଚି ପାରି ନ ଥିଲା। ସାହାଯ୍ୟ ପାଇଁ ବାରମ୍ବାର ଚେଷ୍ଟା କରାଯାଉଥିଲା କିନ୍ତୁ କୌଣସି ସାହାଯ୍ୟ ଆସି ନ ଥିଲା। ଟ୍ରେନ ମଥୁରା ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ସିଂହ ଏବଂ ତାଙ୍କ ସାଥୀମାନେ ହଜରତ ନିଜାମୁଦ୍ଦିନ ଷ୍ଟେଶନ୍ ଛତିଶଗଡ଼ ଏକ୍ସପ୍ରେସ୍ରେ ଚଢ଼ିଥିଲେ। ଟ୍ରେନ ଛାଡ଼ିବାର କିଛି ସମୟ ପରେ, ତାଙ୍କର ପ୍ରବଳ ଯନ୍ତ୍ରଣା ଆରମ୍ଭ ହୋଇଥିଲା ଏବଂ ଟ୍ରେନ ମଥୁରା ନିକଟରେ ପହଞ୍ଚିବା ପରେ ତାଙ୍କ ଅବସ୍ଥା ଖରାପ ହୋଇ ଯାଇଥିଲା। ସକାଳ ୪.୫୮ରେ ରେଳବାଇ ହେଲ୍ପଲାଇନକୁ ଏକ ଜରୁରୀକାଳୀନ କଲ କରାଯାଇଥିଲା, ତୁରନ୍ତ ଡାକ୍ତରୀ ସହାୟତା ଦାବି କରାଯାଇଥିଲା। ଅନେକ ଥର ଫୋନ କରିବା କୌଣସି ସାହାଯ୍ୟ ମିଳି ନ ଥିଲା। ଟ୍ରେନ ପ୍ରାୟ ୯୦ ମିନିଟ ବିଳମ୍ବ ହୋଇଥିଲା ଏବଂ ଶେଷରେ ସକାଳ ୮.୧୦ରେ ମଥୁରା ଷ୍ଟେଶନରେ ପହଞ୍ଚିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

# ମିଳିଗଲା କୋହଲି-ରୋହିତଙ୍କ ରିପ୍ଲେସମେଣ୍ଟ !



**ଲଣ୍ଡନ,(୭/୬):** ରୋହିତ ଶର୍ମା ଏବଂ ବିରାଟ କୋହଲି ଗତ ମାସରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେବେଠାରୁ ଦଳ ସେମାନଙ୍କ ବଦଳ ଖୋଜୁଥିଲା। ଏବେ ଦେଖାଯାଉଛି ଯେ ଦଳରେ ସେମାନଙ୍କ ସ୍ଥାନ ନେବା ପାଇଁ ଖେଳାଳି ମିଳିଗଲେଣି। ଇଂଲଣ୍ଡ ଟେଷ୍ଟ ପୂର୍ବରୁ, ଜଣେ ଖେଳାଳି ଏକ ଜବରଦସ୍ତ ଶତକ ମାରିଛନ୍ତି। ଅନ୍ୟ ଜଣେ ଦ୍ୱିଶତକ ମାରିଛନ୍ତି। ଇଂଲଣ୍ଡ ଟେଷ୍ଟ ପୂର୍ବରୁ, ଭାରତ ଏ ଇଂଲଣ୍ଡରେ ଦୁଇଟି ଅଣଅଫିସିଆଲ୍ ଟେଷ୍ଟ ମ୍ୟାଚ ଖେଳୁଛି। ଦ୍ୱିତୀୟ ମ୍ୟାଚ ସମୟରେ, କେଏଲ ରାହୁଲ ଓପନିଂ କରି ଏକ ଚମତ୍କାର ଶତକ ମାରିଥିଲେ। ପୂର୍ବରୁ, ରୋହିତ ବହୁତ ସମୟ ଧରି ଟିମ ଇଣ୍ଡିଆରେ ଓପନିଂ କରୁଥିଲେ। ରାହୁଲ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୧୧୫ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୧୫ ଚୌକା ଏବଂ ଗୋଟିଏ ଛକା ମଧ୍ୟ ମାରିଥିଲେ। ରାହୁଲଙ୍କ ଏହି ଇନିଂସ ପରେ, ଏହା ମନେ ହେଉଛି ଯେ ସେ ଏବେ ରୋହିତଙ୍କ ସ୍ଥାନରେ ଦଳ ପାଇଁ ଓପନିଂ କରୁଥିବାର ଦେଖାଯାଇ ପାରିବେ। ସେହି ସମୟରେ, ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ପ୍ରଥମ ମ୍ୟାଚରେ କରୁଣ ନାୟାର ତୃତୀୟ ନମ୍ବରରେ ବ୍ୟାଟିଂ କରୁଥିବା ସମୟରେ ଏକ ଚମତ୍କାର ଦ୍ୱିଶତକ ମାରିଥିଲେ। ନାୟାର ୨୦୪ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୨୬ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। କୋହଲି ପୂର୍ବରୁ ଟେଷ୍ଟରେ ଟିମ ଇଣ୍ଡିଆ ପାଇଁ ଚତୁର୍ଥ ନମ୍ବରରେ ବ୍ୟାଟିଂ କରୁଥିଲେ। ଏପରି ପରିସ୍ଥିତିରେ, ନାୟାରଙ୍କୁ ମଧ୍ୟ ଚତୁର୍ଥ ନମ୍ବରରେ ଖେଳିବାର ସୁଯୋଗ ମିଳିପାରେ, କାରଣ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ କିଛି ସମୟ ଧରି ତୃତୀୟ ନମ୍ବରରେ ଖେଳୁଛନ୍ତି। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବାକୁ ଅଛି। ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହେବୟ ପ୍ରଥମ ମ୍ୟାଚ ହେଡିଂଲିରେ ଖେଳାଯିବ। ସେହିପରି ଟେଷ୍ଟ ସିରିଜର ଶେଷ ମ୍ୟାଚ ୩୧ ଜୁଲାଇରୁ ଲଣ୍ଡନର କେନିଂଟନ ଓଭାଲରେ ଖେଳାଯିବ।

# ପନ୍ଦର ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଆରମ୍ଭ



**ସମ୍ବଲପୁର, ୭/୬ (ଡିକେ.ନ୍ୟୁଜ):** ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁର କିକ୍ ବକ୍ସିଂ ଏସୋସିଏସନ ପକ୍ଷରୁ ପନ୍ଦର ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲା କିକ୍ ବକ୍ସିଂ ଏସୋସିଏସନ (ୱାକୋ ଓଡିଶା)ର ସମ୍ବଲପୁର ସଭାପତି ଉତ୍ପଳ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଓକିଲ ସଂଘର ପୁର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଶିକ୍ଷଣ କାୟର୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ, ହେମନ୍ତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସ୍ତରର ମାନ୍ୟତା ପ୍ରାପ୍ତ କିକ୍ ବକ୍ସିଂ ରେଫରି ସୁବ୍ରତ ପ୍ରଧାନ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ଥାନୀୟ ବସ୍ତୀ ଅଞ୍ଚଳର ପନ୍ଦର ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ମାଗଣାରେ କିକ୍ ବକ୍ସିଂ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପନ୍ଦର ଦିନ ପରେ ଯେଉଁ ଛାତ୍ରୀଛାତ୍ର ମାନେ ଦକ୍ଷତା ପ୍ରଦର୍ଶନ କରିବେ ସେମାନଙ୍କୁ ଆଗକୁ ମଧ୍ୟ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଏସୋସିଏସନସନର ସମ୍ବଲପୁର ସଭାପତି ଶ୍ରୀ ଦାସ କହିଥିଲେ ୟ ଏହି ଅବସରରେ ମୁଖ୍ୟ ଅତିଥି ଡ. ରଥ ବସ୍ତୀର ପିଲାଙ୍କୁ ନେଇ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପ୍ରଶଂସା କରିଥିଲେ। ଏହାସହ ଏଥିରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇ ଆଗକୁ ଏହି ଆତ୍ମରକ୍ଷା କଳାକୁ ଉପଯୋଗ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ସମ୍ବଲପୁରୀ ଡେରା ପରିସରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଇ ଥିବାରୁ ପ୍ରଶିକ୍ଷକ ସୁବ୍ରତ ପ୍ରଧାନ ପଶ୍ଚିମାଞ୍ଚଳ ଏକତା ମଞ୍ଚକୁ ଧନ୍ୟବାଦ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନରେ ସର୍ମିଲ ସାହୁ, ଶିବାଂଶି ତ୍ରିପାଠୀ, ଶ୍ରୀୟାଂଶୀ ତ୍ରିପାଠୀ, ସଂସ୍କାର ବାଗ, ସୁଭମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ୨ ଦିନରେ ୨୦ କୋଟି ପାର୍ : କମଲ ହାସନଙ୍କ ସିନେମା 'ଠଗ୍ ଲାଇଫ୍'

**ମୁମ୍ବାଇ, ୭/୬ (ହି.ସ):** ସାଉଥ୍ ଅଭିନେତା କମଲ୍ ହାସନଙ୍କ ବହୁପ୍ରତୀକ୍ଷିତ ସିନେମା 'ଠଗ୍ ଲାଇଫ୍' ରିଲିଜ୍ ହୋଇଯାଇଛି। ଏହି ସିନେମାଟି ୨ ଦିନ ଭିତରେ ଭାରତରେ ଭଲ କଲେକ୍ସନ୍ କରିସାରିଛି। ସିନେମାରେ କମଲ ହାସନଙ୍କ ଅଭିନୟକୁ ସିନେପ୍ରେମୀ ଖୁବ୍ ପସନ୍ଦ କରୁଛନ୍ତି। ୱିକେଣ୍ଡ୍ ପୂର୍ବରୁ ହିଁ ୨୦ କୋଟି ଟଙ୍କା ରୋଜଗାର କରିସାରିଛି ଠଗ୍ ଲାଇଫ୍। ଆକଳନ କରାଯାଉଛି ଯେ ୱିକେଣ୍ଡ୍ ପରେ ୫୦ କୋଟି ରୋଜଗାର କରିବ ଏହି ସିନେମା। ଅଭିନେତା କମଲ ହାସନଙ୍କ ଏହି ସିନେମା ଚଳିତବର୍ଷର ତାଙ୍କର ପ୍ରଥମ ଫିଲ୍ମ। ଇଣ୍ଡିଆନ୍ - ୨ ସିନେମାର ବିଫଳତା ପରେ କମଲ ଭଲ ସିନେମାର ସନ୍ଧାନରେ ଥିଲେ , ଯାହା ଠଗ୍ ଲାଇଫ୍ ଦ୍ୱାରା ତାଙ୍କୁ ମିଳିଛି କହିଲେ ଭୁଲ୍ ହେବନି। ରିପୋର୍ଟ ଅନୁସାରେ ୱିକେଣ୍ଡ୍ ପୂର୍ବରୁ ତାଙ୍କର ଏହି ସିନେମା ୨୩ କୋଟି ଟଙ୍କାର କଲେକ୍ସନ୍ କରିସାରିଛି। ସିନେମାକୁ ଲୋକଙ୍କ ଭଲ ରେସପନ୍ସ ମିଳୁଛି। ପ୍ରଥମ ଦିନରେ ହିଁ ଫିଲ୍ମ ୧୫.୫ କୋଟି ଟଙ୍କା ରୋଜଗାର କରିଥିଲା। ତେବେ ଅନ୍ୟ ଭାଷା ଅପେକ୍ଷା ହିନ୍ଦୀ ଭାଷାରେ ଏହି ସିନେମାକୁ ସେତେଟା ଭଲ ରେସପନ୍ସ ମିଳିପାରିନାହିଁ। ଗତ ୨ ଦିନରେ ହିନ୍ଦୀ ସିନେପ୍ରେମୀଙ୍କୁ ଆକର୍ଷିତ କରିପାରିନାହିଁ ଠଗ୍ ଲାଇଫ୍। ରିପୋର୍ଟ ଅନୁସାରେ ୨୦୦ କୋଟି ଟଙ୍କା ବଜେଟରେ ତିଆରି ହୋଇଥିବା ଏହି ସିନେମା ଆଗକୁ କେତେ ସଫଳ ହେବ ତାହା ସମୟ ହିଁ କହିବ।

# ୯୦ ବର୍ଷରେ ଡେବ୍ୟୁ କରିବେ ଆମିରଙ୍କ ମାଆ



**ମୁମ୍ବାଇ,୭/୬ (ହି.ସ):** ଅଭିନେତା ଆମିର ଖାନ ଆଜିକାଲି ତାଙ୍କ ଆଗାମୀ ଫିଲ୍ମ ସିତାରେ ଜମିନ ପର ପାଇଁ ଖବରରେ ଅଛନ୍ତି। ଏହି ଫିଲ୍ମ କେବଳ ଏହାର ବିଶେଷ କାହାଣୀ ପାଇଁ ନୁହେଁ ବରଂ ଉତ୍କୃଷ୍ଟ କ୍ୟାମିଓ ପାଇଁ ମଧ୍ୟ ଲଗାତାର ଖବରରେ ରହିଛି। ରିପୋର୍ଟ ହୋଇଛି ଯେ ଆମିର ଖାନଙ୍କ ମାଆ ଏହି ଫିଲ୍ମ ମାଧ୍ୟମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଅଭିନେତା ପ୍ରକାଶ କରିଛନ୍ତି ଯେ ତାଙ୍କ ମାଆ ଜୀନତ ହୁସେନ ଜୁନ ୧୩ ତାରିଖରେ ୯୧ ବର୍ଷ ବୟସରେ ପାଦ ଦେବେୟ ସେ ତାଙ୍କ ଆଗାମୀ ଫିଲ୍ମ ସିତାରେ ଜମିନ ପର ସହିତ ବଲିଉଡରେ ଡେବ୍ୟୁ କରୁଛନ୍ତି। ଇଣ୍ଡିଆ ଟୁଡେ ଅନୁଯାୟୀ, ଆମିର କହିଛନ୍ତି ଯେ ଫିଲ୍ମର ନିର୍ଦ୍ଦେଶକ ଆରଏସ ପ୍ରସନ୍ନା ଆମିରଙ୍କୁ ତାଙ୍କ ମାଆଙ୍କୁ ଫିଲ୍ମରେ ଆସିବାକୁ ରାଜି କରାଇବାକୁ ଅନୁରୋଧ କରିଥିଲେ। ଏହା ପରେ ଆମିର ଜୀନତଙ୍କୁ ପଚାରିଥିଲେୟ ଆମିରଙ୍କ ଭଉଣୀ ନିଖତ ଖାନ ମଧ୍ୟ ସିତାରେ ଜମିନ ପରର ଏକ ଅଂଶ। ଆମିର କହିଛନ୍ତି ଯେ ଯେତେବେଳେ ସେମାନେ ସିତାରେ ଜମିନ ପର ପାଇଁ ସୁଟିଂ କରୁଥିଲେ, ତାଙ୍କ ମାଆ ଯିଏ କେବେ ସେଟକୁ ଯାଇ ନଥିଲେ, ସେ ଆମିରଙ୍କୁ ସ୍ଥାନ ବିଷୟରେ ପଚାରିଥିଲେ। ଅମ୍ମି ଫିଲ୍ମ କିପରି ତିଆରି ହୁଏ ତାହା ଜାଣିବା ପାଇଁ ସୁଟିଂ ଦେଖିବାକୁ ଚାହୁଁଥିଲେୟ ଯେତେବେଳେ ଅମ୍ମି ଆଗ୍ରହ ଦେଖାଇଲେ, ମୁଁ କହିଲି- 'ଏଠାକୁ ଆସନ୍ତୁ' ମୁଁ ଗାଡ଼ି ପଠାଇଥିଲି ଏବଂ ସେ ମୋ ଭଉଣୀଙ୍କ ସହିତ ସେଟକୁ ଆସିଥିଲେ। ସେ ହ୍ୱିଲଚେୟାରରେ ଆସିଥିଲେ। ଆମେ ହାପି ୱେଡିଂ ଗୀତର ସୁଟିଂ କରୁଥିଲୁ ଏବଂ ଏହା ଏକ ବହୁତ ମଜାଦାର ସୁଟିଂ ଥିଲା। ଅମ୍ମି ଆରାମରେ ବସି ଆମକୁ ଦେଖୁଥିଲେ। ସେତେବେଳେ ଫିଲ୍ମ ଟିମ ହାପି ୱେଡିଂ ଗୀତର ସୁଟିଂ କରୁଥିଲା। ଆମିର ଆହୁରି କହିଥିଲେ, 'ପ୍ରସନ୍ନା ମୋ ପାଖକୁ ଆସି କହିଲେ, 'ସାର୍, ଯଦି ଆପଣଙ୍କର କିଛି ଆପତ୍ତି ନାହିଁ, ତେବେ ଆପଣ କ'ଣ ଆମ୍ମି ଜୀଙ୍କୁ ସଟରେ ସାମିଲ କରିବାକୁ ଅନୁରୋଧ କରିପାରିବେ? ଏହା ଫିଲ୍ମର ଶେଷ ଗୀତ ଏବଂ ଏହା ଏକ ବିବାହ ଉତ୍ସବର ସିକ୍ୱେନ୍ସ। ସେ ସହଜରେ ଅତିଥିମାନଙ୍କ ମଧ୍ୟରୁ ଜଣେ ହୋଇପାରିବେ। ଏହା ମୋ ପାଇଁ ଏକ ଭାବପ୍ରବଣ କଥା, ମୁଁ ଚାହୁଁଛି ଯେ ସେ ଫିଲ୍ମର ଏକ ଅଂଶ ହୁଅନ୍ତୁ।'ଆମିର ତାଙ୍କ ମାଆଙ୍କୁ ପଚାରିବାକୁ ଭୟ କରୁଥିଲେ। ପ୍ରାରମ୍ଭରେ ସଂକୋଚରେ, ଆମିର ପ୍ରଥମେ ଏହା କରିବାକୁ ମନା କରିଦେଇଥିଲେୟ ଆମିର କହିଥିଲେ, 'ମୁଁ ତାଙ୍କୁ କହିଥିଲି, 'ତୁମେ ପାଗଳ ହୋଇଗଲଣି? ମୋର ଆମ୍ମିଙ୍କୁ ପଚାରିବାକୁ ସାହସ ହେବ ନାହିଁୟ ମୁଁ ତାଙ୍କୁ କିପରି ଫିଲ୍ମରେ ମୋତେ ଏକ ସଟ ଦେବାକୁ କହିବି। ସେ ବହୁତ ଜଦଖୋରୟ କିନ୍ତୁ ଯେତେବେଳେ ମୁଁ ଶେଷରେ ତାଙ୍କୁ ପଚାରିଲି, ସେ କହିଲେ, 'ହଁ, ଠିକ ଅଛି।' ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଆମିର କହିଥିଲେ ଯେ ଆମ୍ମି ଗୋଟିଏ କିମ୍ବା ଦୁଇଟି ସଟରେ ଅଛନ୍ତି। ଏହା ମୋର ଏକମାତ୍ର ଫିଲ୍ମ ଯାହାର ସେ ଅଂଶ ହୋଇଛନ୍ତି।

# ଦୀପିକା ସୁସ୍ଥ ହୋଇଗଲେ ମୁଁ ଆପଣମାନଙ୍କ ସାମ୍ନାକୁ ଆଣିବି: ସୋଏବ



**ନୂଆଦିଲ୍ଲୀ, ୭/୬ (ହି.ସ):** ଅଭିନେତ୍ରୀ ଦୀପିକା କକ୍କରଙ୍କ ସଫଳ ଅସ୍ତ୍ରୋପଚାର ହେବାପରେ ସେ ଆଇସିୟୁରୁ ବାହାରକୁ ବାହାରି ଆସିଛନ୍ତି। ଏନେଇ ଦୀପିକାଙ୍କ ସ୍ୱାମୀ ସୋଏବ ଇବ୍ରାହିମ ଫ୍ୟାନ୍ସମାନଙ୍କୁ ସୂଚନା ଦେଇଛନ୍ତି। ଦୀପିକା ଦ୍ୱିତୀୟ ପର୍ଯ୍ୟାୟ ଲିଭର କ୍ୟାନସ ଦେଇ ଗତି କରୁଛନ୍ତି। ସୋଏବ ଇବ୍ରାହିମ ଅଭିନେତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଅପଡେଟ୍ ଦେଇ କହିଛନ୍ତି, 'ଲିଭର କ୍ୟାନସର ଅସ୍ତ୍ରୋପଚାର ପରେ ଦୀପିକା ଆଇସିୟୁରୁ ବାହାରକୁ ଆସିଛନ୍ତି। ଅସ୍ତ୍ରୋପଚାର ପାଇଁ ମୁଁ ଦୀପିକାଙ୍କୁ ୮.୩୦ରେ ଓଟି ଭିତରେ ଛାଡିଥିଲି ଏବଂ ସେ ୧୧.୩୦ ରେ ବାହାରକୁ ଆସିଥିଲେ। ମୋ ଜୀବନରେ ଆଜି ପର୍ଯ୍ୟନ୍ତ ମୁଁ ଏତେ ସମୟ ଧରି କାହାରି ଅସ୍ତ୍ରୋପଚାର ଦେଖି ନାହିଁ। ଦୀପିକା ଆଇସିୟୁରୁ ବାହାରକୁ ଆସିଯାଇଥିବା ବେଳେ ଅସ୍ତ୍ରୋପଚାର ହେତୁ ତାଙ୍କର ପଡ଼ିଥିବା ସିଲାଇରେ ସାମାନ୍ୟ ଯନ୍ତ୍ରଣା ହେଉଛି। ଡାକ୍ତରଙ୍କ କହିବା ଅନୁସାରେ ତାହା ରହିବ ନଚେତ ସବୁକିଛି ଠିକ ଅଛି। ପ୍ରତିଦିନ ହେଉଥିବା ରକ୍ତ ରିପୋର୍ଟ ଠିକ୍ ଅଛି। ଦୀପିକା ପୁଣି ଚାଲିବା ଆରମ୍ଭ କରିଛନ୍ତି, ସେ ଧୀରେ ଚାଲୁଛନ୍ତି, ସେ ସାଧାରଣ ଖାଦ୍ୟକୁ ମଧ୍ୟ ଫେରି ଆସିଛନ୍ତି। ଯଦି ସବୁକିଛି ଏପରି ଠିକ୍ ଠାକ୍ ରୁହେ, ତେବେ ମୁଁ ନିଶ୍ଚିତ ଭାବରେ ଦୀପିକାଙ୍କୁ ଆପଣମାନଙ୍କ ସାମ୍ନାକୁ ଆଣିବି।'

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik